## ଆଜି କଣ କେଉଁଠି?

**ରୂପ୍‌ସା**

ରୌପ୍ୟ ଜୟନ୍ତୀ ସମାରୋହ
ସ୍ଥାନ: ମଧୁପୁରା ଅନନ୍ତପୁର ଉଚ୍ଚବିଦ୍ୟାଳୟ, ସମୟ: ପୂର୍ବାହ୍ନ ୯ଟା

## ସଂକ୍ଷେପରେ

### ଖୋଲିଲା ଧାନମଣ୍ଡି: ଚାଷୀ ଆଶ୍ୱସ୍ତ

ଅଡଙ୍ଗ ସମିତି, ଗୋପୀନାଥପୁର ସମିତି

ସୋର, ୨୦।୧୨(ଡି.ଏନ୍.ଏ.):ସୋର ଅଡଙ୍ଗ ସେବା ସମବାୟ ସମିତିରେ ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ସମିତି ସଭାପତି ସୁକାନ୍ତି ବାରିକ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସମ୍ପାଦକ ହିମାଂଶୁ ଶେଖର ପଣ୍ଡା, ସହ ସମ୍ପାଦକ ସୁରେନ୍ଦ୍ର ସେଠୀ, ହେମନ୍ତ ପାତ୍ର, ଅନ୍ୟ କର୍ମଚାରୀ ରମେଶ ମହାପାତ୍ର ଓ ନିର୍ଦ୍ଦେଶକ ନଳିନୀକାନ୍ତ ମହାପାତ୍ର, ଗୌରାଙ୍ଗ ଚନ୍ଦ୍ର ତ୍ରିପାଠୀଙ୍କ ସହ ଚାଷୀମାନେ ଉପସ୍ଥିତ ରହି ଏହି ମଣ୍ଡି ଉଦ୍‌ଘାଟନରେ ସହଯୋଗ କରିଥିଲେ। ସେହିପରି ଗୋପୀନାଥପୁର ସେବା ସମବାୟ ସମିତି ଆନୁକୂଲ୍ୟରେ ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ସମବାୟର ସଭାପତି ତୁଳସୀ ପୃଷ୍ଟି ଉଦ୍‌ଘାଟନ କରିଥିଲେ। ସମ୍ପାଦକ ସୁବ୍ରତ କୁମାର ଦାସ ସହାୟତା କରିଥିଲେ। ଚାଷୀ ଚିତ୍ତରଞ୍ଜନ ଧଳ, ପ୍ରହ୍ଲାଦ ବିଶ୍ୱାଳ ପ୍ରଥମ ଦିନରେ ୪୦ କୁଇଣ୍ଟାଲ ୮୫ କେଜି ଧାନ ବିକ୍ରି କରିଥିଲେ।

**ତଳକିଆ ସମବାୟ ସମିତି**

ଔପଦା, (ଡି.ଏନ.ଏ.):ବାଲେଶ୍ୱର ଜିଲା ଔପଦା ବ୍ଲକ ସଦର ତଳକିଆ ସେବା ସମବାୟ ସମିତି ପରିସରରେ ସରକାରୀ ଧାନ ମଣ୍ଡି ଖୋଲିଛି। ଏମ୍‌ଆଇ ଏଲିନା ସାହୁ ଓ ତଳକିଆ ସେବା ସମବାୟ ସମିତିର ସମ୍ପାଦକ ଅଜୟ କୁମାର ପଟ୍ଟନାୟକ, ସହକାରୀ କର୍ମକର୍ତ୍ତା ପ୍ରଫୁଲ୍ଲ ବେହେରା, ସୁମିତ କୁମାର ରାଉତ, ମଧୁସୁଦନ ପରିଡ଼ା ପ୍ରମୁଖଙ୍କ ଉପସ୍ଥିତିରେ ଧାନମଣ୍ଡି ଶୁଭାରମ୍ଭ ହୋଇଥିଲା। ଶୁକ୍ରବାର ପ୍ରଥମ ଦିନରେ ୪୩୩ କୁଇଣ୍ଟାଲ ଧାନକ୍ରୟ ଧାର୍ଯ୍ୟ କରାଯାଇଛି ବୋଲି ସମ୍ପାଦକ ଅଜୟ ପଟ୍ଟନାୟକ କହିଛନ୍ତି। ସେହିପରି ଅନୁରୂପ ଭାବେ ଫତେପୁର, ଗଡ଼ସାହି, ବଡ଼ପୋଖରୀ ଧାନକ୍ରୟ କେନ୍ଦ୍ରର ଶୁଭାରମ୍ଭ ହେବ ବୋଲି ବିଭାଗୀୟ କର୍ତ୍ତୃପକ୍ଷଙ୍କ ଠାରୁ ସୂଚନା ମିଳିଛି।

**ମାଣିତ୍ରୀ ସମିତି**

ଖଇରା,(ଡି.ଏନ.ଏ.)-ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ମାଣିତ୍ରୀ ସେବା ସମବାୟ ସମିତ ପକ୍ଷରୁ ଶୁକ୍ରବାର ଧାନ କିଣା ଆରମ୍ଭ ହୋଇଛି। ସମିତି ସମ୍ପାଦକ ବିଭୂତି ଭୂଷଣ ରାଉତ ଧାନକ୍ରୟ କେନ୍ଦ୍ରକୁ ଉଦ୍‌ଘାଟନ କରିଥିଲେ। ମୋଟ ୫ଜଣ ଚାଷୀଙ୍କ ନିକଟରୁ ୨୪୧ କୁଇଣ୍ଟାଲ ଧାନକିଣା ଯାଇଥିଲା। ବୋର୍ଡ ସଭ୍ୟ ଶରତ କୁମାର ଦାସ, କ୍ରୟ କମିଟି ସଭ୍ୟ ମନୋରଞ୍ଜନ ଦାସ, ସୂର୍ଯ୍ୟକାନ୍ତ ସ୍ୱାଇଁ, କର୍ମଚାରୀ ରଞ୍ଜନ କୁମାର ସାହୁ, ଶୁଭଦା ଶଙ୍କର ମହାନ୍ତି, ବଂଶୀଧର ପଣ୍ଡା, ହୃଷିକେଶ ପଣ୍ଡାଙ୍କ ସମେତ ବିଭିନ୍ନ ଗ୍ରାମରୁ ଚାଷୀ ଉପସ୍ଥିତ ଥିଲେ।

**ରସାଲପୁର ସମିତି**

ବାଲେଶ୍ୱର ଅଫିସ:ବାଲେଶ୍ୱର ଜିଲା ସଦର ବ୍ଲକ ଅନ୍ତର୍ଗତ ରସାଲପୁର ସମବାୟ ସମିତି ପରିସରରେ ଶୁକ୍ରବାର ଚଳିତ ୨୦୧୯-୨୦ ଆର୍ଥିକ ବର୍ଷର ଖରିଫ ଧାନ କ୍ରୟ ପାଇଁ ମଣ୍ଡି ଉଦ୍‌ଘାଟନ ଓ କଣ୍ଟା ପୂଜା ଶେଷ ହୋଇଛି। ଆସନ୍ତା ସୋମବାରଠାରୁ ବିଧିବଦ୍ଧ ଭାବେ ଚାଷୀମାନଙ୍କଠାରୁ ଧାନ କ୍ରୟ କରାଯିବ ବୋଲି ସମିତି ସ୍ଥାୟୀ ସଭାପତି ଚିତ୍ତରଞ୍ଜନ ପାଣିଗ୍ରାହୀ ସୂଚନା ଦେଇଛନ୍ତି। ଆୟୋଜିତ ଉତ୍ସବରେ ସମିତିର ସଭାପତି ପାଣିଗ୍ରାହୀ ସଭାପତିତ୍ୱ କରିଥିବା ବେଳେ ସମ୍ପାଦକ ଅସିତ କୁମାର ଦାସ, ସହସମ୍ପାଦକ ପ୍ରଦୀପ କୁମାର ଦାସ ଓ ଅନ୍ୟ କର୍ମକର୍ତ୍ତା ତଥା ବୋର୍ଡ଼ର ସଭ୍ୟାସଭ୍ୟମାନେ ଉପସ୍ଥିତ ରହି ଚାଷୀମାନଙ୍କୁ ଧାନ କିଣା ସମ୍ପର୍କରେ ସୂଚନା ଦେଇଥିଲେ। ୨୦୧୯-୨୦ ଆର୍ଥିକ ବର୍ଷ ପାଇଁ ବାର୍ଷିକ ସାଧାରଣ ସଭା ଆୟୋଜିତ ହୋଇଥିଲା।

# ଶୂନ୍ୟ ହେଉଛି କୁପାରୀ ପୁଣ୍ୟଭୂମି

**ଉତ୍କଳବନ୍ଧୁ ପଣ୍ଡା**
ଖଇରା, ୨୦।୧୨

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ କୁପାରୀ ସାଂସ୍କୃତିକ ପୀଠ ପୁଣ୍ୟଭୂମି ଭାବେ ସାରା ଓଡିଶାରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ଶୂନ୍ୟ ମଣ୍ଡପ, ନୃସିଂହ ମଠ, ଅମ୍ବିକା ମନ୍ଦିର, ବୌଦ୍ଧ ଓ ଜୈନ କୀର୍ତ୍ତି ପାଇଁ ୧୯୯୯ ମସିହାରୁ ଏହା ପର୍ଯ୍ୟଟନ କ୍ଷେତ୍ରର ମାନ୍ୟତା ଲାଭ କରିଛି। ହେଲେ କୁପାରୀର ଉନ୍ନତି ପାଇଁ ଯେତେ ଧ୍ୟାନ ଦିଆଯାଉଛି, ତା'ଠାରୁ ଅଧିକ ଏ ଅଞ୍ଚଳରୁ ମିଳୁଥିବା ମାଙ୍କଡା ପଥରକୁ ବିକି ମୁନାଫାଖୋରମାନେ ପୁଣ୍ୟଭୂମିକୁ ଶୂନ୍ୟ କରିବାରେ ଲାଗିଛନ୍ତି। ତୁରନ୍ତ ଯଦି ମୁଖ୍ୟମନ୍ତ୍ରୀ, ପରିବେଶ ବିଭାଗ କି ଜିଲାପାଳ ଏଥିପ୍ରତି ଦୃଷ୍ଟି ନ ଦିଅନ୍ତି ତେବେ ଏହି ତୀର୍ଥସ୍ଥାନ କେବଳ କୃତ୍ରିମ ପୋଖରୀ ଭିତରେ ଲୁଚିଯିବ ଏଥିରେ ସନ୍ଦେହ ନାହିଁ।

କୁପାରୀ କ୍ଷେତ୍ର ଶାରୀଶୁଆ ପାହାଡ ପାଦଦେଶରେ ଅବସ୍ଥିତ। ଏଠାରେ ମାଟିତଳେ ମାଙ୍କଡା ପଥର ଗଚ୍ଛିତ ରହିଛି। ପୂର୍ବରୁ ଖଣି ମାଫିଆମାନେ ଏହାକୁ ଖୋଳି ବିକ୍ରି କରିଆସୁଥିଲେ। ବହୁ ବିରୋଧ ପରେ ପ୍ରଶାସନ ପକ୍ଷରୁ ଅଙ୍କୁଶ ଲଗାଯାଇଥିଲା। ୧୯୯୯ରେ ପର୍ଯ୍ୟଟନ କ୍ଷେତ୍ର ଘୋଷଣା ପରେ ଆଉ କୌଣସି ମାଙ୍କଡା ପଥର ଖଣି ନିଲାମ ଦିଆଯାଇ ନ ଥିଲା। ହେଲେ ପୁଣି ଏବେ କିଛି ମାସ ହେଲା ମାଫିଆମାନେ ବେଆଇନ ଭାବେ ଏହି ମାଙ୍କଡା ଖଣି ବ୍ୟବହାର କରି ଟନ ଟନ ପଥର ବିକ୍ରି କରୁଥିବା ନେଇ ଅଭିଯୋଗ ହୋଇଛି। କୁପାରୀ କଲେଜ ପଛପଟ, ବଗେଇପୁର ରାସ୍ତା କଡ ଡିବିଏଲ କମ୍ପାନୀ ପଛପଟ, ବରପଦା ରାସ୍ତା କଡରେ ଏବେ ୨୦ରୁ ଅଧିକ ଖଣିରୁ ମାଙ୍କଡା ଉତ୍ତୋଳନ ଜାରି ରହିଛି। ୫ଦିନ ତଳେ ସ୍ଥାନୀୟ ଗ୍ରାମବାସୀ ରାଜସ୍ୱ ବିଭାଗ ଅଧିକାରୀଙ୍କ ନଜରକୁ ଆଣିବା ପରେ ମାତ୍ର ଗୋଟିଏ ପାୱାର ଟିଲର ମେଶିନ ଜବତ କରି କାମ ସାରି ଦିଆଯାଇଛି। ଖଣି ଜଗିବା ପାଇଁ ପୋଲିସ ମୁତୟନ କରିବାକୁ ଜିଲାପାଳଙ୍କ ନିର୍ଦ୍ଦେଶ ରହିଛି। ଏଥିପାଇଁ ଖଇରା ଥାନାରେ ସ୍ୱତନ୍ତ୍ର ଭାବେ ପୋଲିସ ରହିଥିଲେ ମଧ ସେମାନଙ୍କୁ ଖଣି ଅଞ୍ଚଳକୁ ପଠା ନ ଯିବା ପ୍ରଶାସନର ଦକ୍ଷତା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି। ସେପଟେ ମାଫିଆମାନେ ଖଣି ବ୍ୟବହାର ପରେ ଗାତଗୁଡିକୁ ପୋତୁ ନ ଥିବାରୁ ବନ୍ୟଜନ୍ତୁ ଗୃହପାଳିତ ପ୍ରାଣୀ ଖାଲରେ ପଡି ଜୀବନ ହାରୁଛନ୍ତି। ବର୍ଷା ପରେ ଖଣିରେ ପାଣି ଜମି ରହୁଥିବାରୁ ମଶାଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଉଛି। ସ୍ଥାନୀୟ ବାସିନ୍ଦା ମ୍ୟାଲେରିଆରେ ଆକ୍ରାନ୍ତ ହେଉଥିବା ଅଭିଯୋଗ ହେଉଛି। ଗୋରୁ ଚରିବା ଓ ପିଲାମାନଙ୍କ ଖେଳାଖେଳିରେ ବାଧା ସୃଷ୍ଟି ହେଉଥିବା ନେଇ କ୍ରମାଗତ ଅଭିଯୋଗ ହେଉଥିଲେ ହେଁ ପ୍ରଶାସନ ଜାଣି ନ ଜାଣିଲା ପରି ଚୁପ୍ ରହୁଛି। କୁପାରୀ ରାଜସ୍ୱ କ୍ଷେତ୍ରର ୨୦୦ମିଟର ସୀମା ମଧ୍ୟରେ ମାଙ୍କଡା ଖୋଳା ଚାଲିଥିବା ବେଳେ ଦିନେ ହେଲେ ରାଜସ୍ୱ ନିରୀକ୍ଷକଙ୍କ ଆଖିରେ ଏହା ନ ପଡିବା ଜନସାଧାରଣଙ୍କୁ ଆଶ୍ଚର୍ଯ୍ୟ କରିଛି। ଫଳରେ କୋଟି କୋଟି ଟଙ୍କାର ରାଜସ୍ୱ ସରକାର ହରାଉଛନ୍ତି। ଏ ସମ୍ପର୍କରେ ଅତିରିକ୍ତ ଜିଲାପାଳ ସମ୍ବିତ ନାୟକଙ୍କ ଦୃଷ୍ଟି ଆକର୍ଷଣ କରାଯିବାରୁ ଚଢାଉ ପାଇଁ ତହସିଲଦାରଙ୍କୁ କୁହାଯାଇଛି ଏବଂ ଖଣି ଅଞ୍ଚଳକୁ ଫୋର୍ସ ସାଥିରେ ଯିବାକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି କହିଥିଲେ।

**ଏବେ ମାଙ୍କଡ଼ା ଖଣି ଉପରେ ଲୋଲୁପ ଦୃଷ୍ଟି**



କୁପାରୀ ରାଜସ୍ୱ କ୍ଷେତ୍ରରୁ ମାଙ୍କଡା ପଥର ଉତ୍ତୋଳନ କରାଯାଉଛି।

### ବେଆଇନ କରତ କଳ ଉପରେ ଚଢ଼ାଉ

# ଲକ୍ଷାଧିକ ଟଙ୍କାର ଯନ୍ତ୍ରାଂଶ ସହ କାଠ ଜବତ

ଜଳେଶ୍ୱର, ୨୦।୧୨(ଡି.ଏନ.ଏ.)–

ଜଳେଶ୍ୱର ବ୍ଲକ ବର୍ତ୍ତନା ପଞ୍ଚାୟତରେ ଥିବା ଏକ ବେଆଇନ କରତକଳ ଉପରେ ଶୁକ୍ରବାର ସକାଳେ ଜଳେଶ୍ୱର ବନ ବିଭାଗ ଓ ଭିଜିଲାନ୍ସ ଟିମ୍ ପକ୍ଷରୁ ଚଢ଼ାଉ କରାଯାଇ ଲକ୍ଷାଧିକ ଟଙ୍କାର ଯନ୍ତ୍ରାଂଶ ଜବତ କରାଯାଇଛି। ଏହାସହ ବହୁ ମୂଲ୍ୟର କାଠ ଜବତ କରାଯାଇଛି।

ସରକାରଙ୍କ ନିୟମାନୁଯାୟୀ କରତକଳଗୁଡ଼ିକ ବନ୍ଦ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ବେଆଇନ ଭାବେ ଏହି କରତ କଳ ବର୍ତ୍ତନା ଗ୍ରାମରେ ଚାଲୁଥିଲା। ଚଢାଉରେ ବନ ବିଭାଗର ଏସିଏଫ୍ ସମୀର କୁମାର ସାହୁ, ବାରିପଦା ଭିଜିଲାନ୍ସ ଡିଏସ୍‌ପି, ବାଲେଶ୍ୱର ବନ ବିଭାଗ ମାଜିଷ୍ଟ୍ରେଟ୍, ଜଳେଶ୍ୱର ରେଞ୍ଜର ଦେବେନ୍ଦ୍ର ପାତ୍ର, ଜଳେଶ୍ୱର ଫରେଷ୍ଟର ରତିକାନ୍ତ ପାଢ଼ୀ ଚଢ଼ାଉରେ ସାମିଲ ଥିଲେ। କରତ କଳ ମାଲିକ ଫେରାର ହୋଇଯାଇଥିବା ଜଣାପଡ଼ିଛି।

# ସାରସ୍ୱତ ଗୁରୁକୁଳ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ

ରେମୁଣା,୨୦।୧୨(ଡି.ଏନ.ଏ.)

ରେମୁଣା ପତ୍ରିପାଳ ପଞ୍ଚାୟତର ନୂଆଗାଁସ୍ଥିତ ସାରସ୍ୱତ ଗୁରୁକୁଳ ଶିକ୍ଷାକେନ୍ଦ୍ରର ୨୩ତମ ବାର୍ଷିକ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଛି। ପରିଚାଳନା କମିଟି ଅଧ୍ୟକ୍ଷା ଡାକ୍ତର ମଧୁମାଳା ଗିରିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ କେନ୍ଦ୍ରମନ୍ତ୍ରୀ ତଥା ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯୋଗଦେଇ ସୁନାଗରିକ ପାଇଁ ଉଭୟ ଛାତ୍ରୀଛାତ୍ର, ଶିକ୍ଷାନୁଷ୍ଠାନ, ଶିକ୍ଷୟିତ୍ରୀ, ଶିକ୍ଷକ ଏବଂ ଅଭିଭାବକଙ୍କ ସମ୍ମିଳିତ ସଂଯୋଗ ଏବଂ ଉଦ୍ୟମର ଆବଶ୍ୟକତା ଥିବା କହିଥିଲେ। ସମ୍ମାନନୀୟ ଅତିଥି ଭାବେ ବ୍ଲକ ଚେୟାରମ୍ୟାନ ସୁଶାନ୍ତ ପଟ୍ଟନାୟକ, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ଗିରୀଶ ଚନ୍ଦ୍ର ଦାଶ ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷାକେନ୍ଦ୍ର ଟ୍ରଷ୍ଟର ଆଇନ ପରାମର୍ଶଦାତା ହରେକୃଷ୍ଣ ଦାଶ, ଅବସରପ୍ରାପ୍ତ ଅଧ୍ୟାପକ ଡ. ସୁବାସ ପାତ୍ର, ବିଦ୍ୟାଳୟକୁ ଜମି ଦାନ କରିଥିବା ଗୌରାଙ୍ଗ ଚନ୍ଦ୍ର ମଣ୍ଡଳ, ବାଲେଶ୍ୱର ଏଲଆଇସି ଶାଖା ପରିଚାଳକ ପ୍ରଶାନ୍ତ ଦଳେଇ, ସରପଞ୍ଚ ବସନ୍ତ କୁମାର ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ସିଂ ପ୍ରମୁଖ ମଞ୍ଚାସୀନ ଥିଲେ। ସମସ୍ତ ଗୁରୁମା ଗୁରୁଜୀ ପରିଚାଳନାରେ ସହଯୋଗ କରିଥିଲେ।

### ସର୍ବଭାରତୀୟ ମହାବୀର କ୍ରିକେଟ୍

# ଦ୍ୱିତୀୟ କ୍ୱାର୍ଟର ଫାଇନାଲରେ ଇଷ୍ଟକୋଷ୍ଟ ରେଲୱେ ବିଜୟୀ

ସୋର, ୨୦।୧୨(ଡି.ଏନ.ଏ.)

ସୋର ବ୍ଲକ ବାଗୁଡି ମହାବୀର କ୍ରିକେଟ୍ କ୍ଲବ ଆନୁକୂଲ୍ୟରେ ସର୍ବଭାରତୀୟ ମହାବୀର କ୍ରିକେଟ୍ ଟୁର୍ନାମେଣ୍ଟର ଦ୍ୱିତୀୟ କ୍ୱାର୍ଟର ଫାଇନାଲ୍‌ରେ ୟୁନାଇଟେଡ୍ ଇଲେଭେନ୍ ଗଞ୍ଜାମକୁ ହରାଇ ଇଷ୍ଟକୋଷ୍ଟ ରେଲୱେ ଖୋର୍ଦ୍ଧା ବିଜୟୀ ହୋଇଛି। ମ୍ୟାଚରେ ଇଷ୍ଟକୋଷ୍ଟ ରେଲୱେ ଟସ୍ ଜିଣି ନିର୍ଦ୍ଧାରିତ ୩୦ ଓଭରରେ ୭ ଉଇକେଟ୍ ହରାଇ ୨୪୮ରନ୍ ସଂଗ୍ରହ କରିଥିଲା। ଏହାର ଜବାବରେ ୟୁନାଇଟେଡ୍ ଇଲେଭେନ୍ ୨୯ ଓଭରରେ ସମସ୍ତ ଉଇକେଟ୍ ହରାଇ ୧୬୯ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ବିଜୟୀ ଟିମ୍‌ର ସମୀର ମହାନ୍ତି ୬୯ ବଲରୁ ୧୦୪ ରନ୍ କରିଥିବାରୁ ଆଜିର ମ୍ୟାଚ୍‌ରେ ମ୍ୟାନ୍ ଅଫ୍ ଦି ମ୍ୟାଚ ଘୋଷଣା କରାଯାଇଥିଲା। ଏହି ଖେଳକୁ ବିସିଆଇ ଲେବୁଲ-୧ ଅମ୍ପାୟାର ଦିଲ୍ଲୀପ ସାମଲ ଓ ସୁଶାନ୍ତ ଦାସ ପରିଚାଳନା କରିଥିଲେ। ବାସୁଦେବ ଜେନା ଓ ଯଦୁନାଥ ଜେନା ଭାଷ୍ୟକାର ଥିବା ବେଳେ ଟୁଟୁ ବିଶ୍ୱାଳ ଓ ଜୟନ୍ତ ଜେନା ସ୍କୋରର କାର୍ଯ୍ୟ ତୁଲାଇଥିଲେ। ଖେଳ ଶେଷରେ ଅମିତ ମହାକୁଡ଼ ମ୍ୟାନ୍ ଅଫ୍ ଦି ମ୍ୟାଚ୍‌କୁ ୧ ହଜାର ଟଙ୍କର ପୁରସ୍କାର ପ୍ରଦାନ କରିଥିଲେ। କ୍ଲବ ସଭାପତି ଅଖିଳରାମ ଜେନା ଓ ସମ୍ପାଦକ ବୀରେନ୍ଦ୍ର କୁମାର ଜେନାଙ୍କ ତତ୍ତ୍ୱାବଧାନରେ ଶ୍ରୀକାନ୍ତ ଜେନା, ପୂର୍ଣ୍ଣଚନ୍ଦ୍ର ଜେନା, ମହେନ୍ଦ୍ର ଦେ. ଚିତ୍ତରଞ୍ଜନ ଯେନା, ଡମ୍ବୁରଧର ଦାସ, ଶକ୍ତି ଦାସ, ରାଜେନ୍ଦ୍ର ରାଉତ, ସିକୁ ନାୟକ, ହିମାଂଶୁ ଜେନା, ଋତୁରାଜ ସିଂ, ଚିତ୍ତରଞ୍ଜନ ଜେନା, ଜୟକୃଷ୍ଣ ଜେନା, ଆକାଶ ଜେନା, ରାଜକିଶୋର ଦେ, କମଳାକାନ୍ତ ବେହେରା, ମୂରଲୀଧର ଜେନା, ମହେନ୍ଦ୍ର ଦେ, ପୂର୍ଣ୍ଣଚନ୍ଦ୍ର ଜେନା ଓ ମୁକ୍ତିକାନ୍ତ ଜେନା ସହାୟତା କରିଥିଲେ।

### ସୀମାନ୍ତ ମହୋତ୍ସବ ସ୍ଥଗିତ

ଜଳେଶ୍ୱର, ୨୦।୧୨(ଡି.ଏନ.ଏ.)

ଜଳେଶ୍ୱର ଦି ସ୍ପୋର୍ଟସ୍ ଆଣ୍ଡ କଲଚରାଲ ଆସୋସିଏଶନ ପକ୍ଷରୁ ହୋଇଆସୁଥିବା ସୀମାନ୍ତ ମହୋତ୍ସବକୁ ଚଳିତବର୍ଷ ସ୍ଥଗିତ ରଖାଯାଇଛି ବୋଲି ଶୁକ୍ରବାର ମହୋତ୍ସବ କମିଟି ସଭାପତି ଚିନ୍ମୟ କୁମାର ଦାସ ପ୍ରକାଶ କରିଛନ୍ତି। ଆସନ୍ତା ୨୧ତାରିଖ ଏହି ମହୋତ୍ସବ ଉଦ୍‌ଘାଟନ ହେବାର ଥିଲା। ମହୋତ୍ସବ ଅନୁଷ୍ଠିତ ହେଉଥିବା ପଡ଼ିଆରେ ଶିକ୍ଷା ବିଭାଗ ତରଫରୁ କାହାରିକୁ ଦିଆ ନ ଯିବା ପାଇଁ ସ୍ଥାନୀୟ ସାନ୍ତିଆ ଗ୍ରାମର ଶିବରଞ୍ଜନ ଜେନା ନାମକ ବ୍ୟକ୍ତି ଉଚ୍ଚ ନ୍ୟାୟାଳୟରେ ଆବେଦନ କରିଥିଲେ। ଫଳରେ ଉଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶ ଅନୁଯାୟୀ ଡବ୍ଲ୍ୟୁପି (ସି) (ନଂ. ୨୫୮୭୮/୨୦୧୯)ରେ ଏହି ପଡ଼ିଆକୁ କାହାରିକୁ ନ ଦେବା ପାଇଁ ଶିକ୍ଷା ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ଏଠାରେ ହେବାକୁ ଥିବା ମହୋତ୍ସବ ବନ୍ଦ ହୋଇଯାଇଛି ବୋଲି କମିଟି ସଭାପତି ସୂଚନା ଦେଇଛନ୍ତି। ଏହି ମହୋତ୍ସବ ୧୧ ବର୍ଷ ଧରି ଜଳେଶ୍ୱରରେ ହୋଇ ଆସୁଥିଲା।

# କଳା, ସଂସ୍କୃତି, ପରମ୍ପରାର ପ୍ରତୀକ 'ଝୋଟିଚିତା'



ଝୋଟି ଶିଳ୍ପୀଙ୍କ ସହ କେନ୍ଦ୍ରମନ୍ତ୍ରୀ।

ବାଲେଶ୍ୱର ଅଫିସ,୨୦।୧୨

- ଜାତୀୟସ୍ତରୀୟ ଝୋଟି ମହୋତ୍ସବରେ ଯୋଗଦେଲେ କେନ୍ଦ୍ରମନ୍ତ୍ରୀ
- ଦେବହୂତିଙ୍କୁ ଝୋଟିରାଣୀ ମହାସମ୍ମାନ, ରାଜେଶ୍ୱରୀଙ୍କୁ ଝୋଟିଶ୍ରୀ ସମ୍ମାନ

ବାଲେଶ୍ୱର ବାମପଦାସ୍ଥିତ ନୋସି ବିଜ୍‌ନେସ ପାର୍କରେ ଉତ୍କଳୀୟ ଝୋଟି ପ୍ରତିଷ୍ଠାନ ତରଫରୁ ଗୁରୁବାର ଦିବାରାତ୍ର ଜାତୀୟସ୍ତରୀୟ ଝୋଟି ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ରାଜ୍ୟରୁ ୧୬୫ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। କେନ୍ଦ୍ର ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ, ମତ୍ସ୍ୟ, ପ୍ରାଣୀବିକାଶ ଏବଂ ଗୋପାଳନ ରାଷ୍ଟ୍ରମନ୍ତ୍ରୀ ତଥା ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯୋଗଦେଇ ପ୍ରତିଯୋଗୀମାନଙ୍କ ଦ୍ୱାରା ଅଙ୍କନ କରାଯାଇଥିବା ଝୋଟିଚିତାକୁ ବୁଲି ଦେଖିବା ସହ ଝୋଟି ଚିତା ଉତ୍କଳର କଳା, ସଂସ୍କୃତି ଓ ପରମ୍ପରାର ପ୍ରତୀକ ବୋଲି କହିଥିଲେ।

ପ୍ରତିଷ୍ଠାନ ଅଧ୍ୟକ୍ଷା ସମାଜସେବୀ ସୁବାସିନୀ ଜେନା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅପରାହ୍ନ ୩ଟାରୁ ୪ଟା ପର୍ଯ୍ୟନ୍ତ ୧ଘଣ୍ଟା ଧରି ଦୁଇଟି ବିଭାଗରେ ଝୋଟି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରଥମ ବିଭାଗରେ ୧୫ବର୍ଷରୁ ଉର୍ଦ୍ଧ୍ୱ ମହିଳାପୁରୁଷ ଏବଂ ଦ୍ୱିତୀୟ ବିଭାଗରେ ବିଗତ ବର୍ଷରେ ବିଜେତା ଝୋଟିଶିଳ୍ପୀମାନେ ଅଂଶଗ୍ରହଣ କରିଥିଲେ। ୪ଟାରେ ଝୋଟିଶିଳ୍ପୀ ମିଳନ ଓ ଆଲୋଚନା, ୫ଟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବା ସହ ସନ୍ଧ୍ୟା ୬ଟାରେ ଉଦ୍‌ଯାପନୀ ଉତ୍ସବ ଆୟୋଜିତ ହୋଇଥିଲା। ଶିଳ୍ପପତି ତଥା କବି ଅଞ୍ଜଳି ପଣ୍ଡା ସଭାପତିତ୍ୱ କରିଥିବା ବେଳେ ଆବାହକ ଶିଳ୍ପୀ କେଶୁ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମୁଖ୍ୟଅତିଥି ଭାବେ ଫକୀରମୋହନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ମଧୁମିତା ଦାସ ଯୋଗଦେଇ ଉତ୍କଳୀୟ ଝୋଟିର ସ୍ଥାନ ସ୍ୱତନ୍ତ୍ର। ଏହାକୁ ଉଜ୍ଜୀବିତ ରଖିବା ସହ ଏହାର ବିକାଶ ପାଇଁ ଅନୁଷ୍ଠାନକୁ ପ୍ରଶଂସା କରିଥିଲେ। ସମ୍ପାଦିକା ଅର୍ଚ୍ଚନା ନନ୍ଦୀ କାର୍ଯ୍ୟକ୍ରମର ବିବରଣୀ ଉପସ୍ଥାପନା କରିଥିଲେ। ଉପସଭାପତି ଗିରିଜା ମିଶ୍ରଙ୍କ ପ୍ରସ୍ତାବକ୍ରମେ ଓଡ଼ିଆ ଅକ୍ଷର ବା ବର୍ଣ୍ଣମାଳାକୁ ଅଧିକ ମହତ୍ତ୍ୱ ପ୍ରଦାନ କରି ଝୋଟିର ଅସ୍ମିତାକୁ ବଢ଼ାଇବା ପାଇଁ ଓଡ଼ିଶାରେ ପ୍ରଥମଥର ଓଡ଼ିଆ ଅକ୍ଷରଝୋଟି ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଭବାନୀପାଟଣାର ବିଶିଷ୍ଟ ଝୋଟିଶିଳ୍ପୀ ଓ ଲେଖିକା ଦେବହୂତି କରଙ୍କୁ ଚଳିତବର୍ଷ ସୁଶୀଳା ଦାସ ଝୋଟିରାଣୀ ମହାସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିବାବେଳେ ରାଜେଶ୍ୱରୀ ଦେଙ୍କୁ ଅଖିଳ ଚନ୍ଦ୍ର ବେହେରା ସ୍ମୃତିରେ ଝୋଟିଶ୍ରୀ ସମ୍ମାନ ପ୍ରଦାନ କରାଯାଇଥିଲା। ପ୍ରଥମ ବିଭାଗରେ ୨୦ଜଣଙ୍କୁ ଓ ଦ୍ୱିତୀୟ ବିଭାଗରେ କେବଳ ଜଣଙ୍କୁ ପୁରସ୍କୃତ କରାଯାଇଛି। ବିଚାରକ ଭାବେ ସୋରର ରାଜବଲ୍ଲଭ ସାହୁ, ଭଦ୍ରକର ସୁଶାନ୍ତ ନାୟକ, ଭୁବନେଶ୍ୱରର ମଞ୍ଜୁଲତା ମିଶ୍ର, ଭୁବନେଶ୍ୱରର ଚିନ୍ତାମଣି ବିଶ୍ୱାଳ ଓ ମୟୂରଭଞ୍ଜର ସରିତା ସିଂ ଯୋଗଦେଇଥିଲେ। ଅନ୍ୟତମ ଉପସଭାପତି ହେମଲତା ଦାସ, ରୋଜି ପଟ୍ଟନାୟକ, କଲ୍ୟାଣୀ ନନ୍ଦ, ସୁନାମଣି ଜେନା, ଶ୍ରଦ୍ଧାଞ୍ଜଳି ରାୟ, ସତ୍ୟଭାମା ମୁଦୁଲି, ଜୟଶ୍ରୀ ସାହୁ, ଲିନା ପାଣିଗ୍ରାହୀ, ଶ୍ରୀରୂପା ମରୀ ସେନ, ଶୈଳବାଳା ବେହେରା, କବିତା ଦତ୍ତ, ଅରୁଣ ବାରିକ, ସୁଧାକର ସେଠୀ, ଦେବାଶିଷ ପତି, ବିଜୟ ଆଚାର୍ଯ୍ୟ ପ୍ରମୁଖ ଯୋଗ ଦେଇଥିଲେ।

# ପରୀକ୍ଷାରୁ ବଞ୍ଚିତ ହେଲେ ଛାତ୍ର

ଖଇରା,୨୦।୧୨(ଡି.ଏନ.ଏ.)

ଅନଲାଇନରେ ନାମଲେଖା ପଦ୍ଧତିକୁ ଠିକ୍ ଭାବେ ବୁଝି ନ ପାରିବାରୁ ଖଇରା ଥାନା କୁରୁଣ୍ଟା ପଞ୍ଚାୟତ ଅଧୀନ ଜଗବନ୍ଧୁ ସାହୁଙ୍କ ପୁଅ ଜ୍ୟୋତିରଞ୍ଜନ ସାହୁ ପରୀକ୍ଷା ଦେବାରୁ ବଞ୍ଚିତ ହୋଇଛନ୍ତି। ତାଙ୍କର ଏହି ସମସ୍ୟାର ସମାଧାନ ଲାଗି ସେ ଖଇରା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

ପ୍ରକାଶ ଯେ ଜ୍ୟୋତିରଞ୍ଜନ ପ୍ରଥମ ପସନ୍ଦ ଭାବେ କୁପାରୀସ୍ଥିତ ଡଃ ହରେକୃଷ୍ଣ ମହତାବ କଲେଜର ଯୁକ୍ତ ୩ ପ୍ରଥମ ବର୍ଷ କଳାରେ ଅନଲାଇନ ମାଧ୍ୟମରେ ନାମ ଲେଖାଇଥିଲେ। କଲେଜ ତରଫରୁ ଡ୍ରେସକୋର୍ଡ, କଲେଜ ପରିଚୟ ପତ୍ର,କଲେଜ ଲାଇବ୍ରେରିରୁ ବହି ମଧ ଦିଆଯାଇଥିଲା। ହେଲେ ସିନିୟର ପସନ୍ଦ ଭାବେ ଖଇରା କଲେଜ ନାମ ଦେଇଥିବାରୁ ପରବର୍ତ୍ତୀ ଚୟନରେ ସାମସ୍ ତରଫରୁ ମୋବାଇଲ ମେସେଜ ଦିଆଯାଇଥିଲେ ମଧ ସେ ଠିକ୍ ଭାବେ ବୁଝିପାରି ନ ଥିଲେ। ଅଜ୍ଞତା ବଶତଃ ଖଇରା କଲେଜକୁ ନ ଯାଇ କୁପାରୀରେ କ୍ଲାସ କରୁଥିଲେ। କୁପାରୀ କଲେଜରେ ଇଣ୍ଟରନାଲ ପରୀକ୍ଷା ମଧ ଦେଇଥିଲେ। ଶୁକ୍ରବାର ସେମିଷ୍ଟର ପରୀକ୍ଷା ଥିବାରୁ ଗୁରୁବାର ଆଡମିଟ କାର୍ଡ ପାଇଁ କଲେଜ ଅଫିସକୁ ଯାଇଥିଲେ। କିନ୍ତୁ କଲେଜ ଅଧ୍ୟକ୍ଷ ତାଙ୍କ କଲେଜରେ ପରୀକ୍ଷା ଦେଇପାରିବେ ନାହିଁ ବୋଲି କହିଥିଲେ। ଏନେଇ ଜ୍ୟୋତିରଞ୍ଜନ ଖଇରା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇ ଥାନା ଅଧିକାରୀ ଲୋପାମୁଦ୍ରା ନାୟକଙ୍କ ନିର୍ଦ୍ଦେଶରେ ଏସ୍‌ଆଇ ସୁଜାତା ମଲ୍ଲିକ ଓ ଏଏସ୍‌ଆଇ ପ୍ରଦୀପ୍ତ ମହାନ୍ତି କଲେଜରେ ପହଞ୍ଚି କଲେଜର କାଗଜପତ୍ର ଯାଞ୍ଚ କରିବା ସହିତ ତଦନ୍ତ ଜାରି ରଖିଛନ୍ତି। କଲେଜ କର୍ତ୍ତୃପକ୍ଷ କିମ୍ବା ଅଧ୍ୟାପକ ପିଲାଟିକୁ ଆରମ୍ଭରୁ ସଚେତନ କରାଇଥିଲେ ହୁଏତ ପିଲାଟିକୁ ଆଜି ଗୋଟିଏ ବର୍ଷ ହରାଇବାକୁ ପଡି ନ ଥାନ୍ତା ବୋଲି ଜ୍ୟୋତିରଞ୍ଜନଙ୍କ ପରିବାର ଲୋକେ କହିଛନ୍ତି। ଏ ସମ୍ପର୍କରେ ଅଧ୍ୟକ୍ଷ ପଞ୍ଚାନନ ଲେଙ୍କାଙ୍କୁ ପଚାରିବାରେ ଯଦି କୌଣସି ପିଲା ସିନିୟର ଚଏସ ଦେଇଛି, ସେହି କଲେଜ ପକ୍ଷରୁ ଚୟନ ହେବା ମାତ୍ରେ ସ୍ଲାଇଡ ଅଫ କେଶରେ ପ୍ରଥମେ ନାମ ଲେଖାଇଥିବା କଲେଜରୁ ନାମ କଟିଯିବ। ଏଣୁ ପିଲାଟି ପରୀକ୍ଷା ନ ଦେବାରେ ତାଙ୍କର କିଛି ଭୂମିକା ନାହିଁ। ନାମଲେଖା ବାବଦକୁ ଅର୍ଥ ଫେରାଇବାକୁ ସେ ପ୍ରସ୍ତୁତ ଅଛନ୍ତି ବୋଲି କହିଛନ୍ତି।

# 'ଛାତ୍ରଜୀବନରୁ ଶୃଙ୍ଖଳିତ ହେବା ଜରୁରୀ'




ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥିଗଣ।

ବାଲେଶ୍ୱର ଅଫିସ,୨୦।୧୨–

ବାଲେଶ୍ୱର ଜିଲାର ପ୍ରଥମ ତଥା ଓଡ଼ିଶାର ଦ୍ୱିତୀୟ ବାଳିକା ଉଚ୍ଚ ବିଦ୍ୟାଳୟ ମିଶନ ବାଳିକା ଉଚ୍ଚବିଦ୍ୟାଳୟର ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସଦର ବିଧାୟକ ମଦନମୋହନ ଦତ୍ତ ଯୋଗଦେଇ ଛାତ୍ରୀମାନେ ଶୃଙ୍ଖଳିତ ହେଲେ ଦେଶ ଗଠନ ସମ୍ଭବ। ଏହି ବିଦ୍ୟାଳୟର ଗରିବ ପିଲାମାନଙ୍କର ଉନ୍ନତି ପାଇଁ ନିଜ ଉପାର୍ଜିତ ଅର୍ଥରୁ ସାହାଯ୍ୟ କରିବା କଥା ଘୋଷଣା କରିଥିଲେ। ଜିଲା ଶିକ୍ଷାଧିକାରୀ ପ୍ରମୋଦ କୁମାର ଷଡ଼ଙ୍ଗୀ ପୌରୋହିତ୍ୟ କରିଥିଲେ। ସମ୍ମାନନୀୟ ଅତିଥି ଭାବେ ସମାଜସେବୀ ସୁବାସିନୀ ଜେନା ଯୋଗଦେଇ ବିଦ୍ୟାଳୟର ଛାତ୍ରୀମାନେ ବ୍ଲକ, ଜିଲା ଓ ରାଜ୍ୟସ୍ତରରେ ଅନୁଷ୍ଠିତ ହେଉଥିବା ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବାରୁ ଧନ୍ୟବାଦ ଦେଇଥିଲେ। ମୁଖ୍ୟବକ୍ତା ଭାବେ ପ୍ରତିଭାଶ୍ରୀ ମୁଖ୍ୟ ପ୍ରଶାନ୍ତ କୁମାର ଦାସ ଯୋଗଦେଇ ଛାତ୍ରୀମାନେ ଭବିଷ୍ୟତରେ କିପରି ସୁନାଗରିକ ହୋଇ ଛିଡ଼ା ହୋଇପାରିବେ ତା' ପାଇଁ ପରାମର୍ଶ ଦେଇଥିଲେ। ପ୍ରଧାନଶିକ୍ଷକ ହିମାଂଶୁ କୁମାର ନାୟକ ବାର୍ଷିକ ବିବରଣୀ ପାଠ କରିଥିବାବେଳେ ବରିଷ୍ଠ ଶିକ୍ଷକ ଦେବେନ୍ଦ୍ର କୁମାର ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ। କୃତି ଛାତ୍ରୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଦ୍ୟାଳୟର ରତ୍ନାମଣୀ ସିଂ, କବିତା ବେହେରା, ସୁକେତୁ ମହାରଣା, ଗୀତାଞ୍ଜଳୀ ଶତପଥୀ, ରାମଚନ୍ଦ୍ର ଶତପଥୀ, ଭାସ୍କର ବେହେରା, ବଙ୍ଗାଳି ଜେନା, ଅନିମା ଦାସ, ଜୟନ୍ତୀ ଜେନା, ଅସୀମା ପ୍ରଧାନ ଓ ବିଏଡ୍ କଲେଜର ଛାତ୍ରଛାତ୍ରମାନେ ପରିଚାଳନା କରିଥିଲେ।

### ପ୍ରଶାସନ ଆକ୍ରୋଶମୂଳକ ପଦକ୍ଷେପ ନେଲେ

# ଟ୍ରାଫିକ ଜାମ୍ ଚେତାବନୀ ଦେଲେ ଇଟାଭାଟି ଶ୍ରମିକ

ବାଲେଶ୍ୱର ଅଫିସ,୨୦।୧୨

ଇଟାଭାଟି ଉପରେ ପ୍ରଶାସନ ଆକ୍ରୋଶମୂଳକ ପଦକ୍ଷେପ ନେଲେ ସହରରେ ଟ୍ରାଫିକ ଜାମ୍ କରାଯିବ ବୋଲି ବାଲେଶ୍ୱର ଜିଲା ଇଟାଭାଟି ଶ୍ରମିକ ଓ ମାଲିକ ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ସଂଘର ସଦସ୍ୟମାନେ ଶୁକ୍ରବାର ମଧ୍ୟାହ୍ନରେ ଏକ ଘରୋଇ ହୋଟେଲରେ ଖବରଦାତା ସମ୍ମିଳନୀ ଆୟୋଜନ କରି ପ୍ରଶାସନକୁ ଖୋଲାଖୋଲି ଚ୍ୟାଲେଞ୍ଜ କରିଛନ୍ତି।

ଜିଲାରେ ସଦର, ରେମୁଣା, ନୀଳଗିରି, ଜଳେଶ୍ୱର, ବସ୍ତା ବ୍ଲକର ୧୪୦ରୁ ଉର୍ଦ୍ଧ୍ୱ ଚିମିନି ଇଟାଭାଟି ରହିଛି। ଏଥିରେ ପ୍ରତ୍ୟକ୍ଷ ଭାବରେ ୪୦ହଜାର ଲୋକ ନିଯୁକ୍ତି ପାଇଥିବା ବେଳେ ପରୋକ୍ଷ ଭାବରେ ୨ଲକ୍ଷରୁ ଉର୍ଦ୍ଧ୍ୱ ଲୋକ ପେଟପାଟଣା ପୋଷୁଛନ୍ତି। ଟ୍ରକ୍, ଟ୍ରାକ୍ଟର, ଡମ୍ପର, ଠିକାଦାରଙ୍କଠାରୁ ଆରମ୍ଭ କରି ଶ୍ରମିକମାନଙ୍କର ଏକ ରୋଜଗାର ପନ୍ଥା ଇଟାଭାଟି। ଇଟାଭାଟି ମାଲିକମାନେ ବାର୍ଷିକ ହାରାହାରି ଦେଢ଼ଲକ୍ଷ ଟଙ୍କା ରୟାଲ୍‌ଟି ଦେଉଥିବା ବେଳେ ଜିଲାରେ ଚାଲୁଥିବା ଆହାର କେନ୍ଦ୍ର ପାଇଁ ୨୦ହଜାର ଏବଂ ରେଡ଼କ୍ରସ୍ ପାଇଁ ୧ହଜାର ଟଙ୍କା ଜିଲାପାଳଙ୍କ ନିର୍ଦ୍ଦେଶରେ ପ୍ରଦାନ କରୁଛନ୍ତି। ୨୦ବର୍ଷରୁ ଅଧିକ ସମୟ ଇଟାଭାଟି କରି ପେଟ ପୋଷି ଆସୁଥିବା ବେଳେ ଏନ୍‌ଜିଟି (ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ) ବାହାନାରେ ଜିଲାପାଳ ପ୍ରଶାସନ ସହ ମିଶି ଜିଲାରେ ଥିବା ଇଟାଶିଳ୍ପକୁ ଧ୍ୱଂସ କରିବାକୁ ଚେଷ୍ଟା କରୁଥିବା ଅନୁଷ୍ଠାନର ଉପଦେଷ୍ଟା ରଞ୍ଜନ ପ୍ରଧାନ ପ୍ରକାଶ କରିଛନ୍ତି। ଜିଲାପାଳଙ୍କ ନିର୍ଦ୍ଦେଶ ପରେ ସମସ୍ତ ଆବଶ୍ୟକ କାଗଜପତ୍ର ମୁଖ୍ୟତଃ କନଭର୍ସନ ସାର୍ଟିଫିକେଟ୍, ପଲ୍ୟୁଶନ୍ କଣ୍ଟ୍ରୋଲ ବୋର୍ଡ଼ କ୍ଲିୟରାନ୍ସ ପାଇଁ ୬ମାସ ସମୟ ନିହାତି ଆବଶ୍ୟକ ରହିଛି। ଏହାକୁ ଦୃଷ୍ଟିରେ ରଖି ବ୍ୟବସାୟୀମାନଙ୍କୁ ଆବଶ୍ୟକ ସମୟ ନ ଦେଲେ ଆଗାମୀ ଦିନରେ ଇଟାଭାଟି ଶ୍ରମିକ ଓ ମାଲିକ ସଂଘର କର୍ମକର୍ତ୍ତାମାନେ ସହରର ବିଭିନ୍ନ ଟ୍ରାଫିକ୍‌ରେ ଶହ ଶହ ଟ୍ରାକ୍ଟର, ଟ୍ରକ୍, ଡମ୍ପର ରାସ୍ତାରେ ରଖି ଟ୍ରାଫିକ୍ ଜାମ୍ କରି ଧାରଣା ଦେବାର ଚେତାବନୀ ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ସୁବ୍ରତ କୁମାର ପତିଙ୍କ ସମେତ ଶହେରୁ ଉର୍ଦ୍ଧ୍ୱ ଇଟାଭାଟି ମାଲିକମାନେ ଯୋଗଦେଇଥିଲେ।



ଖବରଦାତା ସମ୍ମିଳନୀରେ ଇଟାଭାଟି ଶ୍ରମିକ ଓ ମାଲିକ ସଂଘର ସଦସ୍ୟମାନେ।

## ସଂକ୍ଷେପରେ

### ଚାଷୀ-ମୂଲିଆ ସଂଘ ପକ୍ଷରୁ ଦାବିପତ୍ର

**ଭଣ୍ଡାରିପୋଖରୀ, ୨୦।୧୨ (ଡି.ଏନ.ଏ.):** ଭଣ୍ଡାରିପୋଖରୀ ବ୍ଲକ ଚାଷୀ-ମୂଲିଆ ସଂଘ ପକ୍ଷରୁ ୧୦ଦଫା ଦାବି ସମ୍ବଳିତ ଏକ ଦାବିପତ୍ର ଜିଲାପାଳଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ଅତିରିକ୍ତ ତହସିଲଦାରଙ୍କୁ ପ୍ରଦାନ କରାଯାଇଛି। ସଂଘର କର୍ମକର୍ତ୍ତା ଭଣ୍ଡାରିପୋଖରୀ ବଜାର ଉତ୍ତରବାଡ଼ଠାରୁ ଶୋଭାଯାତ୍ରାରେ ବାହାରି ବଜାର ପରିକ୍ରମା କରି ଦାବିପତ୍ର ପ୍ରଦାନ କରିଥିଲେ। ବ୍ଲକରେ ଭୂମିହୀନଙ୍କୁ ଘରଡିହ ପଟ୍ଟା, ଭୂମିହୀନ ଚାଷୀଙ୍କୁ ଦଖଲ ଜମିର ପଟ୍ଟା, ଭାଗଚାଷୀଙ୍କୁ ପରିଚୟପତ୍ର ଯୋଗାଇବା, ହେନାବଣ ଜମିରେ ଆଦର୍ଶ ବିଦ୍ୟାଳୟ ନିର୍ମାଣ ବନ୍ଦ କରି ଅନ୍ୟତ୍ର ସ୍ଥାନାନ୍ତରଣ, ବସୁନ୍ଧରା ଯୋଜନାରେ ଜମି ଯୋଗାଇବା, ବିଭିନ୍ନ ପ୍ରକଳ୍ପ ନାମରେ ଦଖଲ ଜମିକୁ ଉଚ୍ଛେଦ ପ୍ରୟାସ ବନ୍ଦ, ଖାଉଟି ସାମଗ୍ରୀର ଦରଦାମ୍ ହ୍ରାସ, ଚାଷଜମିକୁ ଜଳସେଚନ ବ୍ୟବସ୍ଥା, ଧାନ କୁଇଣ୍ଟାଲ ପିଛା ସରକାର ୩ହଜାର ଟଙ୍କାରେ କିଣିବା, ଅନାବାଦୀ, ସରକାରୀ ପତିତ, ବେନାମୀ ହଡ଼ପ ଓ ଭୂଦାନ ଜମିକୁ ଦଳିତ ଭୂମିହୀନ ପରିବାରଙ୍କୁ ବଣ୍ଟନ କରାଯାଉ ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଦୁର୍ଯ୍ୟୋଧନ ଯେନା, ମାଧବାନନ୍ଦ ଯେନା, ନରେଶ ଯେନା, ପୀତବାସ ଯେନା, ଅଭିରାମ ଯେନା, ଗୋକୁଳାନନ୍ଦ ଯେନା, ଘନଶ୍ୟାମ ଯେନା, ବିଜୟ ଯେନା, ପ୍ରଦୀପ ଯେନା, ଗୋପାଳ ଯେନା, ପଦ୍ମାବତୀ ଯେନା, ଫୁଲ ଯେନା ପ୍ରମୁଖ ଦାବିପତ୍ରରେ ସ୍ୱାକ୍ଷର କରି ଅତିରିକ୍ତ ତହସିଲଦାରଙ୍କୁ ପ୍ରଦାନ କରିଥିଲେ।

### ଖୋଲିଲା ଆମ ପାଠାଗାର



**ଭଦ୍ରକ ଅଫିସ, ୨୦।୧୨:** ଗ୍ରାମାଞ୍ଚଳ ବିଦ୍ୟାଳୟଗୁଡ଼ିକରେ ଛାତ୍ରୀଛାତ୍ରଙ୍କୁ ଶିକ୍ଷା ପ୍ରତି ଆକୃଷ୍ଟ କରାଇବା ଲାଗି ଆଦାନୀ ଫାଉଣ୍ଡେଶନ ଆମ ପାଠାଗାର ସ୍ଥାପନ ପ୍ରକ୍ରିୟା ଆରମ୍ଭ କରିଛି। ଆଦାନୀ ଧାମରା ବନ୍ଦର ପକ୍ଷରୁ କୋଇଥଖୋଲାସ୍ଥିତ ସୁଖଚାନ୍ଦମାନା ମଧ ଇଂରାଜୀ ବିଦ୍ୟାଳୟ ପରିସରରେ ଏକ ପାଠାଗାର ଉଦ୍‌ଘାଟିତ ହୋଇଛି। ଧାମରା ବନ୍ଦର ମାନବ ସମ୍ବଳ ବିଭାଗ ମୁଖ୍ୟ ତାପସ ଆଚାର୍ଯ୍ୟ ଏହାକୁ ଉଦ୍‌ଘାଟନ କରିଥିଲେ। ଏହିଭଳି ବିଭିନ୍ନ ସ୍ଥାନରେ ୮ଟି ବିଦ୍ୟାଳୟରେ ଆମ ପାଠାଗାର ସ୍ଥାପନ କରାଯାଇଛି। ପାଠାଗାରରେ ନୂତନ ପାଠ୍ୟକ୍ରମ ସମ୍ବନ୍ଧୀୟ ନୂତନ ପୁସ୍ତକ ସମେତ ସାଧାରଣଜ୍ଞାନ, ବିଭିନ୍ନ ମହାପୁରୁଷଙ୍କ ଜୀବନୀ କାହାଣୀ, ଉପନ୍ୟାସ ଓ ଖବରକାଗଜ ମଧ ସାମିଲ କରାଯାଇଛି। ଏହି ଅବସରରେ ସିଆର୍‌ସିସି ଅନୁପ କୁମାର ଦାସ, ବିଦ୍ୟାଳୟର ପ୍ରଧାନଶିକ୍ଷକ ରବୀନ୍ଦ୍ର କୁମାର ଦାସ, ସ୍କୁଲ ପରିଚାଳନା କମିଟି ସଦସ୍ୟ ଓ ଶିକ୍ଷକମାନେ ଉପସ୍ଥିତ ଥିଲେ। ଆଦାନୀ ଫାଉଣ୍ଡେଶନ ସିଏସ୍‌ଆର୍ ମୁଖ୍ୟ ସତ୍ୟରଞ୍ଜନ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### କୃତୀ ପ୍ରତିଯୋଗୀ ପୁରସ୍କୃତ

**ବନ୍ତ, ୨୦।୧୨(ଡି.ଏନ.ଏ.):** ବନ୍ତ ବ୍ଲକ ଛୟାଳସିଂ ପଞ୍ଚାୟତ ପଳସାସ୍ଥିତ ସରସ୍ୱତୀ ଶିଶୁମନ୍ଦିର ବାର୍ଷିକ କ୍ରୀଡ଼ା ଶୁକ୍ରବାର ଅନୁଷ୍ଠିତ ହୋଇଛି। ଏଥିରେ ୧୦ଟି ବିଭାଗ ପ୍ରତିଯୋଗିତାରେ ୬୦ ପ୍ରତିଯୋଗୀ ଭାଗ ନେଇଥିଲେ। ପ୍ରତ୍ୟେକ ବିଭାଗରୁ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷାବିତ୍ ହଳଧର ବାଇଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କ୍ରୀଡ଼ା ଉତ୍ସବକୁ ଭରସା ସଙ୍ଗଠନର ପରିଚାଳକ ସୌମ୍ୟରଞ୍ଜନ ମହାନ୍ତି ଉଦ୍‌ଘାଟନ କରିଥିଲେ। ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ଦିଗମ୍ବର ସେଠୀ, ଅନାଦି ଚରଣ ସେନାପତି, ବିଦ୍ୟାଳୟର ସମ୍ପାଦକ ରବୀନ୍ଦ୍ର ପୃଷ୍ଟି, ସାମାଜିକ କର୍ମୀ ହରିନାରାୟଣ ମହାନ୍ତି, ରମେଶ ଚନ୍ଦ୍ର ପତି, ପୂର୍ବତନ ସରପଞ୍ଚ କରୁଣାକର ସେଠୀ, ବିଶ୍ୱନାଥ ନାୟକ, ଜଗନ୍ନାଥ ସାହୁ ଓ ଶଶୀକାନ୍ତ ପାଲ ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ପାଢ଼ୀ ଅତିଥି ପରିଚୟ ପ୍ରଦାନ ଓ ବରିଷ୍ଠ ଶିକ୍ଷକ ରବୀନ୍ଦ୍ର ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଶ୍ରୀକାନ୍ତ ସାହୁ, ମଧୁସ୍ମିତା ନାଥ, ସସ୍ମିତା ସେନାପତି, ଚିନ୍ମୟୀ ସୁଆର, ରାଧାରାଣୀ ଦାସ, ବାସନ୍ତୀ ବାରିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ।

# ଲୋକନୃତ୍ୟରେ ଦୁଲୁକିଲା ମଞ୍ଚ



ମଞ୍ଚରେ ଗଞ୍ଜାମର ଲୋକନୃତ୍ୟ ପରିବେଷଣ।

**ଭଦ୍ରକ ଅଫିସ, ୨୦।୧୨**

ଭଦ୍ରକରେ ଚାଲିଥିବା ରାଜ୍ୟସ୍ତରୀୟ ଯୁବ ମହୋତ୍ସବର ଶୁକ୍ରବାର ଥିଲା ୩ୟ ଦିବସ। ଏଥିପାଇଁ ନେହେରୁ ଷ୍ଟାଡିୟମ, ଶହୀଦ ସ୍ମୃତି ଭବନ, ସଂସ୍କୃତି ଭବନ ସମେତ ଜିଲା ସ୍କୁଲ ପରିସର ବେଶ୍ ଚଳଚଞ୍ଚଳ ହୋଇଥିଲା। ମୁଖ୍ୟତଃ ନେହେରୁ ଷ୍ଟାଡିୟମ ପରିସରରେ ୧୫ଟି ଜିଲାର ଲୋକନୃତ୍ୟ ପ୍ରତିଯୋଗିତା ହେଉଥିବାରୁ ହଜାର ହଜାର ପ୍ରତିଯୋଗୀ ଓ ଦେଖଣାହାରୀଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ଲୋକନୃତ୍ୟରେ ମଞ୍ଚ ଦୁଲୁକିଥିଲା। ସନ୍ଧ୍ୟାରୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ଦର୍ଶକଙ୍କ ଭିଡ଼ ଜମିଥିଲା। ଟାଉନହଲ ପରିସରରେ ନାଟକ ପ୍ରତିଯୋଗିତା, ସଂସ୍କୃତି ଭବନ ଉପରମହଲାରେ ଭାରତ ନାଟ୍ୟମ୍, କଥକ, କୁଚିପୁଡ଼ି ଓ ମଣିପୁରୀ, ତଳମହଲାରେ ହାର୍‌ମୋନିୟମ, ତବଲା, ଜିଲା ସ୍କୁଲରେ ବକ୍ତୃତା ଓ ମୃଦଙ୍ଗ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଚାରକ ଭାବେ ୨୫ ଜଣ ଦାୟିତ୍ୱ ତୁଲାଇଥିଲେ। ଜିଲାର ବଛା ବଛା ଅଧିକାରୀଙ୍କୁ ସମସ୍ତ କାର୍ଯ୍ୟ ପରିଚାଳନା ଦାୟିତ୍ୱ ଦିଆଯାଇଛି। ଏହିଭଳି ଶନିବାର ପୂର୍ବାହ୍ନରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ସନ୍ଧ୍ୟାରେ ଉଦ୍‌ଯାପନୀ ଉତ୍ସବରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ ବୋଲି ସୂଚନା ମିଳିଛି।

## ମନ ମୋହୁଛି ବାଲୁକା କଳାକୃତି

ଯୁବ ମହୋତ୍ସବରେ ନେହେରୁ ଷ୍ଟାଡିୟମ୍ ପରିସରରେ ବାଲୁକା କଳାକୃତି ଦର୍ଶକଙ୍କ ମନ ମୋହୁଛି। ବନ୍ତ ବ୍ଲକ ଆଗରପଡ଼ା ଅଞ୍ଚଳର ଯୁବ ବାଲୁକା ଶିଳ୍ପୀ ପଦ୍ମନାଭ ସେଠୀ ଯୁବ ମହୋତ୍ସବରେ ତାଙ୍କର ପ୍ରତିଭା ଦେଖାଇଛନ୍ତି। ବାଲୁକା କଳାକୃତି ମଧ୍ୟରେ ପ୍ରଭୁ ଜଗନ୍ନାଥ ଓ ବାବା ଆଖଣ୍ଡଳମଣିଙ୍କ କଳାକୃତି ବେଶ୍ ମନଲୋଭା ହୋଇଛି। ଯେ କେହି ଏହି କଳାକୃତି ନିକଟରେ ସେଲ୍‌ଫି ନେଉଥିବାର ପରିଲକ୍ଷିତ ହୋଇଛି। ଛାତ୍ରୀ ନିରୁପମା ସାହୁ, ସୁଶ୍ରୀ ସଙ୍ଗୀତା ସାହୁ, ବର୍ଷା ପାଢ଼ୀ, ଅନୁପମା ସାହୁ ପ୍ରମୁଖ କଳାକୃତିରେ ସହାୟତା କରିଛନ୍ତି। ଉଲ୍ଲେଖନୀୟ ଯେ, ବାଲୁକା ଶିଳ୍ପୀ ପଦ୍ମନାଭ ରାଜ୍ୟସ୍ତରୀୟ ବହୁ ପ୍ରତିଯୋଗିତାରେ ନିଜର କଳା ପ୍ରତିଭା ପ୍ରଦର୍ଶିତ କରି ପୁରସ୍କୃତ ହୋଇଛନ୍ତି।



ଯୁବ ମହୋତ୍ସବରେ ଶିଳ୍ପୀ ପଦ୍ମନାଭ ସେଠୀଙ୍କ ବାଲୁକା କଳାକୃତି।



ସମ୍ମାନିତ ପ୍ରତିଯୋଗୀଙ୍କ ସହ ରାଜେଶ୍ୱରୀ(ମଝି)।

## ରାଜେଶ୍ୱରୀଙ୍କୁ ୩ ସ୍ୱର୍ଣ୍ଣପଦକ

**ଭଦ୍ରକ ଅଫିସ, ୨୦।୧୨**

ଫକୀରମୋହନ ଆନ୍ତଃ ମହାବିଦ୍ୟାଳୟ କ୍ରୀଡ଼ା ପ୍ରତିଯୋଗିତାରେ ଭଦ୍ରକ ଚରମ୍ପା ମହାବିଦ୍ୟାଳୟର ଯୁକ୍ତ ୩ ବର୍ଷର ଛାତ୍ରୀ ରାଜେଶ୍ୱରୀ ଦାସଙ୍କୁ ୩ଟି ବିଭାଗରେ ସ୍ୱର୍ଣ୍ଣପଦକ ମିଳିଛି। ବାଲେଶ୍ୱର ବାଲିଆପାଳସ୍ଥିତ ଶାରୀରିକ ପ୍ରଶିକ୍ଷଣ ମହାବିଦ୍ୟାଳୟଠାରେ ଅନୁଷ୍ଠିତ ଦୁଇଦିନିଆ କ୍ରୀଡ଼ା ପ୍ରତିଯୋଗିତାରେ ରାଜେଶ୍ୱରୀଙ୍କୁ ଏହି ସଫଳତା ମିଳିଛି। ସେ ଲଙ୍ଗ୍‌ଜମ୍ପ, ୧୦୦ ଏବଂ ୨୦୦ ମିଟର ଦୌଡ଼ରେ ପ୍ରଥମ ହୋଇ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଫକୀରମୋହନ ବିଶ୍ୱବିଦ୍ୟାଳୟର କ୍ରୀଡ଼ା ସମ୍ପାଦକ ଭାସ୍କର ବାରିକ ରାଜେଶ୍ୱରୀଙ୍କୁ ପଦକ, ମାନପତ୍ର ଏବଂ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରିଥିଲେ। ପୂର୍ବରୁ ରାଜେଶ୍ୱରୀ ଜାତୀୟ ବିଶ୍ୱବିଦ୍ୟାଳୟ ପ୍ରତିଯୋଗିତାରେ ଫକୀରମୋହନ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରତିନିଧିତ୍ୱ କରି କ୍ରମାଗତ ଭାବେ ଦୁଇବର୍ଷ ଧରି ସଫଳତା ଅର୍ଜନ କରିଆସୁଥିବା ଯୋଗୁ ତାଙ୍କୁ ବିଶ୍ୱବିଦ୍ୟାଳୟର ସର୍ବଶ୍ରେଷ୍ଠ ଖେଳାଳି ଭାବେ ସମ୍ମାନିତ କରାଯାଇଥିଲା। ତାଙ୍କର ଏହି ସଫଳତା ପାଇଁ ଚରମ୍ପା ମହାବିଦ୍ୟାଳୟ ଅଧ୍ୟକ୍ଷ ବ୍ରଜ ବଳ ଏବଂ ଅଧ୍ୟାପିକା ଅଧ୍ୟାପକ ଶୁଭେଚ୍ଛା ଜ୍ଞାପନ କରିଛନ୍ତି।



ବାର୍ଷିକୋତ୍ସବରେ ଭଦ୍ରକ ଏମ୍‌ପି ମଞ୍ଜୁଲତା ମଣ୍ଡଳ, ବିଧାୟକ ପ୍ରଫୁଲ୍ଲ ସାମଲଙ୍କ ସହ କିନ୍ନର ସଂଘ କର୍ମକର୍ତ୍ତା।

## ଅଙ୍ଗଦାନ କରିବେ ୭୦ କିନ୍ନର

**ଭଦ୍ରକ ଅଫିସ, ୨୦।୧୨**

ମୃତ୍ୟୁ ପରେ ସେମାନଙ୍କ ଅଙ୍ଗ ସମାଜର ଯେକୌଣସି ବର୍ଗର ଲୋକଙ୍କ ପାଇଁ ଦାନ କରିବେ। ଭଦ୍ରକ ଚରମ୍ପାସ୍ଥିତ ହୋଟେଲ ମୁନ୍‌ଲାଇଟ ପରିସରରେ ଶୁକ୍ରବାର ଅନୁଷ୍ଠିତ ବାର୍ଷିକ ଉତ୍ସବରେ ଅର୍ଦ୍ଧନାରୀଶ୍ୱର କିନ୍ନର ମହାସଂଘର ୭୦ ଜଣ ସଦସ୍ୟ ଏ ନେଇ ଭାରତୀୟ ଶରୀର ଓ ଅଙ୍ଗଦାନ ସମିତି ସହିତ ଏକ ଚୁକ୍ତିନାମା ସ୍ୱାକ୍ଷର କରି ଉଦାହରଣ ସୃଷ୍ଟି କରିଛନ୍ତି। ସେମାନଙ୍କର ଏଭଳି ଉଦ୍ୟମକୁ ବିଭିନ୍ନ ମହଲରୁ ସ୍ୱାଗତ କରାଯାଇଛି। ନିଜକୁ ମୃତ୍ୟୁ ପରେ ବି ବଞ୍ଚାଇ ରଖିବାର ପ୍ରୟାସ କରି ଅଙ୍ଗଦାନ ଭଳି ପୁଣ୍ୟ କାର୍ଯ୍ୟ ଲାଗି ସେମାନେ ଚୁକ୍ତି କରିଥିବାରୁ ଉପସ୍ଥିତ ଅତିଥିମାନେ ସାଧୁବାଦ ଜଣାଇଥିଲେ। ଏହି ସଂଘର ୭ମ ବାର୍ଷିକ ଉତ୍ସବ ତଥା ଅଙ୍ଗଦାନ ଦିବସରେ ଏମ୍‌ପି ମଞ୍ଜୁଲତା ମଣ୍ଡଳ ମୁଖ୍ୟଅତିଥି ଏବଂ ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ, ଭଦ୍ରକ ବିଧାୟକ ସଞ୍ଜୀବ ମଲ୍ଲିକ, ଭାରତୀୟ ଶରୀର ଓ ଅଙ୍ଗଦାନ ସମିତି ସଭାପତି ଡ. ପ୍ରଭାସ ଆଚାର୍ଯ୍ୟ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଓଡ଼ିଶା କିନ୍ନର ସମାଜର ସଭାପତି ମୀରା ପରିଡ଼ା, ଉତ୍ତର ଓଡ଼ିଶା କିନ୍ନର ସଂଘର ସଭାପତି ସୌମ୍ୟଶ୍ରୀ, ଅର୍ଦ୍ଧନାରୀଶ୍ୱର କିନ୍ନର ସଂଘର ସଭାପତି ସୋନାଲି ପ୍ରମୁଖ ଯୋଗଦେଇ ଅଙ୍ଗଦାନର ଉପକାରିତା ବିଷୟରେ କହିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉତ୍କୃଷ୍ଟ କାର୍ଯ୍ୟ କରିଥିବା ଲୋକଙ୍କୁ ସମ୍ମାନିତ କରାଯାଇଥିଲା।

## ୨ ଶହ ଦିବ୍ୟାଙ୍ଗଙ୍କୁ କିଟ୍‌ସ ବଣ୍ଟନ

**ତିହିଡ଼ି, ୨୦।୧୨(ଡି.ଏନ.ଏ.):** ତିହିଡ଼ି ବ୍ଲକ ଅଧୀନ ଜାମଯୋଡ଼ି, ରାଜନଗର, ବାମନବିନ୍ଧା ଓ ହରସିଂହପୁର ପଞ୍ଚାୟତର ୨୦୦ ଦିବ୍ୟାଙ୍ଗଙ୍କୁ ଶୁକ୍ରବାର କିଟ୍‌ସ ବଣ୍ଟନ କରାଯାଇଛି। ଓଡ଼ିଶା ବିକଳାଙ୍ଗ ମଞ୍ଚ ପକ୍ଷରୁ ବ୍ଲକ ସାମାଜିକ ସୁରକ୍ଷା ବିଭାଗ ସହଯୋଗରେ ଏହି କିଟ୍‌ସ ବଣ୍ଟା ଯାଇଥିଲା। ଏହି ଉପଲକ୍ଷେ ଆୟୋଜିତ ସଭାରେ ବିକଳାଙ୍ଗ ମଞ୍ଚର ରାଜ୍ୟ ସମ୍ପାଦକ ଅକ୍ଷୟ କୁମାର ସାହୁ ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ଭାବେ ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ, ମୁଖ୍ୟବକ୍ତା ବ୍ଲକ ଅଧ୍ୟକ୍ଷା ବିଦ୍ୟୁତଲତା ନାୟକ ଏବଂ ସମ୍ମାନିତ ଅତିଥି ଭାବେ ବିଧାୟକଙ୍କ ପ୍ରତିନିଧି ପ୍ରଶାନ୍ତ ବିଶ୍ୱାଳ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ବନମାଳୀ ତ୍ରିପାଠୀ, ମଞ୍ଚର ଜିଲା ସଭାପତି ଯଦୁମଣି ଦାସ, ବ୍ଲକ ସଂଯୋଜକ ଅମର ମଲ୍ଲିକ, ସରପଞ୍ଚ ମାନସ ରଞ୍ଜନ ସାହୁ, ସୁବାସ ସେଠୀ, ସନାତନ ବାରିକ ଓ ଅଯୋଧ୍ୟାରାଣୀ ଯେନା ଯୋଗ ଦେଇଥିଲେ। ଦିବ୍ୟାଙ୍ଗଙ୍କ ପ୍ରତି ସବୁ ସ୍ତରରେ ସହଯୋଗ ରହିଲେ ସେମାନେ ସମାଜର ମୁଖ୍ୟସ୍ରୋତରେ ସାମିଲ ହୋଇପାରିବେ ବୋଲି ଅତିଥିମାନେ କହିଥିଲେ। ନମସ୍ୟା ନାୟକ, ସସ୍ମିତା ଜେନା, ତପସ୍ୱିନୀ ପାଟ, ସରିତା ପାତ୍ର, ବାସନ୍ତୀଲତା ସାହୁ, ପ୍ରତିମା ମହାକୁଡ଼, ମନୋଜ ବେହେରା, ବିଶ୍ୱପ୍ରକାଶ ସାହୁ, ପ୍ରଦୀପ ନାୟକ, ବାପୁଜୀ ପଣ୍ଡା ପ୍ରମୁଖ କାର୍ଯକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

■ ଭଣ୍ଡାରିପୋଖରୀ ପଞ୍ଚାୟତ ସମିତି ବୈଠକ

## ଆଦର୍ଶ ବିଦ୍ୟାଳୟ ସ୍ଥାପନ ନେଇ ହଟ୍ଟଗୋଳ

**ଭଣ୍ଡାରିପୋଖରୀ, ୨୦।୧୨(ଡି.ଏନ.ଏ.)**

ଭଣ୍ଡାରିପୋଖରୀ ପଞ୍ଚାୟତ ସମିତିର ୧୧ତମ ବୈଠକ ଶୁକ୍ରବାର କନ୍‌ଫରେନ୍ସ ହଲ୍‌ରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷା ମଞ୍ଜୁଶ୍ରୀ ବେହେରା ଏଥିରେ ଅଧ୍ୟକ୍ଷତା କରିଥିଲେ। ସ୍ଥାନୀୟ ବିଧାୟକ ପ୍ରଫୁଲ୍ଲ ସାମଲ, ଏମ୍‌ପି ମଞ୍ଜୁଲତା ମଣ୍ଡଳ, ଜିଲା ପରିଷଦ ଉପାଧ୍ୟକ୍ଷା ଜ୍ୟୋତ୍ସ୍ନାରାଣୀ ମହାନ୍ତି, ବ୍ଲକ ଉପାଧ୍ୟକ୍ଷ ସତ୍ୟବ୍ରତ ଦାସ, ବିଡିଓ ବନମାଳୀ ତରାଇ, ଅତିରିକ୍ତ ତହସିଲଦାର ଶରତ ସ୍ୱାଇଁ ଓ ବିଇଓ ଦୀପକ ପାଢ଼ୀ ବୈଠକରେ ଯୋଗ ଦେଇଥିଲେ। ବ୍ଲକ ପଞ୍ଚାୟତ ଅଧିକାରୀ ଶର୍ମିଷ୍ଠା ମଲିକ ପୂର୍ବ ବୈଠକର ବିବରଣୀ ପାଠ କରିଥିଲେ। ଭଣ୍ଡାରିପୋଖରୀ ପଞ୍ଚାୟତ ସମିତିର ବିକାଶ ପାଇଁ ସମସ୍ତଙ୍କର ସହଯୋଗ ରହିଛି। ସମସ୍ତେ ଏକ ହୋଇ କାମ କଲେ ଏହା ଆଦର୍ଶ ପଞ୍ଚାୟତ ସମିତିରେ ସମୃଦ୍ଧ ହୋଇପାରିବ। ଫଳରେ ଏହାର ବିକାଶ ହେବା ସହ ରାଜ୍ୟରେ ସମୃଦ୍ଧ ହୋଇପାରିବ ବୋଲି ବିଧାୟକ ସାମଲ କହିଥିଲେ। ଏହି ବ୍ଲକ ବନ୍ୟା ଅଞ୍ଚଳ। ବନ୍ୟାଞ୍ଚଳ ପଞ୍ଚାୟତଗୁଡ଼ିକରେ ଥିବା ପିଚୁ ରାସ୍ତାକୁ କଂକ୍ରିଟରେ ପରିଣତ କରିବା ସକାଶେ ବିଧାନସଭାରେ ଦାବି ଉପସ୍ଥାପନ କରିଥିବା ସେ ଜଣାଇଥିଲେ।

ଦକ୍ଷିଣବାଡ଼ ପଞ୍ଚାୟତର ଉତ୍ତରବାଡ଼ ଗ୍ରାମସ୍ଥିତ ହେନାବଣରେ ଆଦର୍ଶ ବିଦ୍ୟାଳୟ ସ୍ଥାପନ ପାଇଁ ପ୍ରସ୍ତାବ ରହିଥିବାରୁ ସରପଞ୍ଚ ବିଜୟ ଶଙ୍କର ମହାନ୍ତି ଆପତ୍ତି ଉଠାଇଥିଲେ। ହେନାବଣ ଆଦର୍ଶ ବିଦ୍ୟାଳୟ ପାଇଁ ଉଚିତ ସ୍ଥାନ ନୁହେଁ କହି ବିରୋଧ କରିଥିଲେ। ଏହାକୁ ଗୃହରେ ଜିଲାପରିଷଦ ସଭ୍ୟ ଦୀପ୍ତିସୂର୍ଯ୍ୟ ବିଶ୍ୱାଳ, ସରପଞ୍ଚ ସଦାଶିବ ଦାସ, ମୋହନ ରାୟ ଖଣ୍ଡନ କରି ପ୍ରସ୍ତାବିତ ସ୍ଥାନରେ ବିଦ୍ୟାଳୟ ନିର୍ମାଣ ହେବା ଉଚିତ ବୋଲି କହିଥିଲେ। ଫଳରେ ଏହାକୁ ନେଇ ବୈଠକରେ ହଟ୍ଟଗୋଳ ହୋଇଥିଲା। ଏହାଛଡ଼ା କାଳିଆ ଯୋଜନା, ପାନୀୟ ଜଳ, ସ୍ୱୟଂସହାୟକ ଗୋଷ୍ଠୀକୁ ମଧ୍ୟାହ୍ନ ଭୋଜନ ଦାୟିତ୍ୱ ପ୍ରଦାନ ଆଦି ଦେଇ ଆଲୋଚନା କରାଯାଇଥିଲା। ସେହିପରି ବୁଲ୍‌ବୁଲ୍ କ୍ଷୟକ୍ଷତି ଠିକ୍ ଆକଳନ ହୋଇନାହିଁ ବୋଲି ଜିଲାପରିଷଦ ସଭ୍ୟ କହିଥିଲେ। ୪ ମାସ ତଳେ ମଞ୍ଜୁରିରୋଡ଼ଠାରୁ ବନ୍ଧାଲୋ ରାସ୍ତା ମରାମତି କରାଯାଇଥିଲେ ମଧ ପୁଣି ଖାଲଖମା ହୋଇ ଅନୁପଯୋଗୀ ହୋଇଥିବା, ବନ୍ଧାଲୋ ଉଚ୍ଚ ବିଦ୍ୟାଳୟରେ ବହୁ ସମସ୍ୟା ଲାଗି ରହିଥିବା ଅଭିଯୋଗ କରିଆସୁଥିଲେ ମଧ ଏହାର ସମାଧାନ ହେଉ ନ ଥିବା ନେଇ ସେ ଗୃହରେ ଅସନ୍ତୋଷ ପ୍ରକାଶ କରିଥିଲେ। ବୈଠକ ଶେଷରେ ଦୁଇଜଣ ଦିବ୍ୟାଙ୍ଗଙ୍କୁ ଟ୍ରାଇସାଇକେଲ ପ୍ରଦାନ କରାଯାଇଥିଲା।

■ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ

## ଫଳକରେ ନାମ ନ ଥିବାରୁ ଆସିଲେନି ଏମ୍‌ପି

**ବାସୁଦେବପୁର, ୨୦।୧୨(ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ବ୍ଲକର ବିଭିନ୍ନ ପଞ୍ଚାୟତରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଗୁରୁବାର ୬ଟି ପ୍ରକଳ୍ପର ଶିଳାନ୍ୟାସ କରାଯାଇଛି। ୨ଟି ପ୍ରକଳ୍ପ ଶିଳାନ୍ୟାସ ଫଳକରେ ମୁଖ୍ୟଅତିଥି ଭାବେ ଏମ୍‌ପିଙ୍କ ନାମ ଥିବାବେଳେ ଅନ୍ୟ ୪ଟିର ଫଳକରେ ନାମ ଉଲ୍ଲେଖ କରା ନ ଯିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ଏହି ଘଟଣାକୁ ନେଇ ବିବାଦ ସୃଷ୍ଟି ହେବା ପରେ ଏମ୍‌ପି ଶିଳାନ୍ୟାସ ଉତ୍ସବରେ ଯୋଗ ଦେଇ ନ ଥିବା ଜାଣିବାକୁ ମିଳିଛି। ଏମ୍‌ପିଙ୍କ ଅନୁପସ୍ଥିତିରେ ବାସୁଦେବପୁର ବିଧାୟକ ବିଷ୍ଣୁବ୍ରତ ରାଉତରାୟ ସମସ୍ତ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ଅଡୁଁଆ, କୃଷ୍ଣପୁର ଓ ଜଗନ୍ନାଥପୁର ଗ୍ରାମରେ ୩ଟି ହେଲ୍‌ଥ ଆଣ୍ଡ ୱେଲନେସ୍ ସେଣ୍ଟର ଶିଳାନ୍ୟାସ କରାଯାଇଛି। ସେହିପରି ଇରମଠାରେ ଡାକ୍ତରଖାନା ପରିସରରେ ଇ ଟାଇପ୍ କ୍ୱାଟର୍ସ ନିର୍ମାଣ ପାଇଁ ଶିଳାନ୍ୟାସ କରାଯାଇଛି। ଏହି ୪ଟି ପ୍ରକଳ୍ପର ଶିଳାନ୍ୟାସ ଫଳକରେ ନାମ ନ ଥିବାରୁ ଏମ୍‌ପି ଅସନ୍ତୋଷ ପ୍ରକାଶ କରିବା ସହିତ ଗ୍ରାମ୍ୟ ଉନ୍ନୟନ ବିଭାଗ ପ୍ରୋଟୋକଲ କିପରି ଭୁଲିଲା ତାହାକୁ ନେଇ ପ୍ରଶ୍ନ ଉଠାଇଛନ୍ତି।

ଏ ସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଏକଜିକ୍ୟୁଟିଭ ଇଞ୍ଜିନିୟର ବିଜୟ କୁମାର ଦାସଙ୍କୁ ପଚାରିବାରୁ ସେ କିଛି ମତ ରଖିପାରିବେନି ବୋଲି କହିଥିଲେ। ଏହି ଘଟଣାରେ ଏମ୍‌ପି ମଞ୍ଜୁଲତା ମଣ୍ଡଳ ଶିଳାନ୍ୟାସ ଉତ୍ସବ ପାଇଁ ସମ୍ପୃକ୍ତ ବିଭାଗ ଉପଯୁକ୍ତ ଭାବେ ଯୋଗସୂତ୍ର କରି ନ ଥିବା ପ୍ରତିକ୍ରିୟା ରଖିଛନ୍ତି। ବିଭାଗ ପ୍ରୋଟୋକଲ ମଧ ଭୁଲିଯାଉଛି କହି ସେ କ୍ଷୋଭ ପ୍ରକାଶ କରିଥିଲେ। ଉତ୍ସବରେ ଅନ୍ୟତମ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ପୂର୍ଣ୍ଣିମା ମଲିକ, ଇରମ ସରପଞ୍ଚ ପ୍ରଫୁଲ୍ଲ ବିଶ୍ୱାଳ, ପଡୁଁଆର ଦୀନବନ୍ଧୁ ଦାସ, ଅଡୁଁଆର ଗିରୀଶ ଚନ୍ଦ୍ର ସାମଲ, ଜଗନ୍ନାଥପୁରର ଯଦୁନାଥ ନାୟକ, ସମିତିସଭ୍ୟ ରୂପକ ରଞ୍ଜନ ରାଉତ ଓ କିଷ୍ମତକୃଷ୍ଣପୁର ସମିତିସଭ୍ୟ ରତିକାନ୍ତ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।



ଜଗନ୍ନାଥପୁରଠାରେ ବିଧାୟକ ହେଲ୍‌ଥ ଆଣ୍ଡ ୱେଲନେସ୍ ସେଣ୍ଟରର ଶିଳାନ୍ୟାସ କରୁଛନ୍ତି।

# ବିଭିନ୍ନ ସ୍ଥାନରେ ଖୋଲିଲା ଧାନମଣ୍ଡି

**ଭଣ୍ଡାରିପୋଖରୀ, ୨୦।୧୨(ଡି.ଏନ.ଏ.)**

ଭଣ୍ଡାରିପୋଖରୀ ବ୍ଲକ ଜଳମଣ୍ଡୁଆ ସେବା ସମବାୟ ସମିତି ବାରିକପୁରଠାରେ ଶୁକ୍ରବାର ଜିଲାସ୍ତରୀୟ ଧାନମଣ୍ଡି ଉଦ୍‌ଘାଟିତ ହୋଇଛି। ସ୍ଥାନୀୟ ବିଧାୟକ ପ୍ରଫୁଲ୍ଲ ସାମଲ, ଏମ୍‌ପି ମଞ୍ଜୁଲତା ମଣ୍ଡଳ, ଜିଲାପାଳ ଜ୍ଞାନରଞ୍ଜନ ଦାସ, ତହସିଲଦାର ମୃତ୍ୟୁଞ୍ଜୟ ଭୂୟାଁ, ଉପଜିଲାପାଳ ପୀତାମ୍ବର ସାମଲ, ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ବିକାଶ ନାୟକ, ଜିଲା ଯୋଗାଣ ଅଧିକାରୀ ମୀରରାଜା ଅଲ୍ଲୀ, ଜିଲା ସହକାରୀ ନିବନ୍ଧକ ସ୍ୱାତୀବାଳା ମହାପାତ୍ର, ସହକାରୀ ଉପନିବନ୍ଧକ ନିରଞ୍ଜନ ମାଝୀ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଥମ ଦିନରେ ୭ଜଣ ଚାଷୀଙ୍କଠାରୁ ୩୦୦ କୁଇଣ୍ଟାଲ ପାଖାପାଖି ଧାନକ୍ରୟ ହୋଇଛି।

ଏହି ଅବସରରେ ଜଳମଣ୍ଡୁଆ ସମିତି ସଭାପତି ବିଜୟ କୁମାର ଖିଲାରଙ୍କ ପୌରୋହିତ୍ୟରେ ସଭା ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ଚାଷୀ ତଥା ସମିତି ପରିଚାଳନା ସଦସ୍ୟ ଭିକାରୀ ଚରଣ ସେଠୀ ପୂର୍ବବର୍ଷ ଚାଷୀମାନେ ବିଭିନ୍ନ ସମିତିକୁ ଧାନ ବିକି ଟଙ୍କା ପାଇନାହାନ୍ତି ବୋଲି କହିଥିଲେ।

**ଜଳମଣ୍ଡୁଆରେ ୩ ଶହ କୁଇଣ୍ଟାଲ କ୍ରୟ**

ଚଳିତବର୍ଷ ଶୃଙ୍ଖଳା ଭାବେ ଚାଷୀମାନେ ଧାନ ବିକ୍ରି କରି ସେମାନଙ୍କ ପାଉଣା ପାଇବା ପ୍ରତି ଜିଲାପାଳ ଦୃଷ୍ଟି ଦେବାକୁ ସେ ଅନୁରୋଧ କରିଥିଲେ। ଗତବର୍ଷର ବିଶୃଙ୍ଖଳା ଏଥର ପୁନରାବୃତ୍ତି ନ ହେବାକୁ ଗୁରୁତ୍ୱ ଦିଆଯାଇଛି। କୌଣସି ଚାଷୀ ସିଧାସଳଖ ମିଲର୍‌ଙ୍କୁ ଧାନ ଦେଇପାରିବେ ନାହିଁ, ନିଜ ସମିତି ଜରିଆରେ ଦେବେ। ତହସିଲଦାର ଓ ବିଡିଓ ଧାନକ୍ରୟର ତଦାରଖ କରିବେ। ଧାନକିଣାରେ କୌଣସି ସମସ୍ୟା ହେଲେ ଉପଜିଲାପାଳ ଓ ଅତିରିକ୍ତ ଜିଲାପାଳ ପହଞ୍ଚି ସମାଧାନ କରିବେ ବୋଲି କୁହାଯାଇଛି। ଶୁକ୍ରବାର ସୁଦ୍ଧା ଜଳମଣ୍ଡୁଆ ସମିତିରେ ୯୦୦ ଚାଷୀ ଧାନ ବିକିବାକୁ ପଞ୍ଜୀକୃତ କରିଥିବା ସୂଚନା ଦିଆଯାଇଛି। ସମିତି ସମ୍ପାଦକ ଜୟନ୍ତ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ। ରାଜେନ୍ଦ୍ର ଖଣ୍ଡାୟୀ, ପିନାକୀ ଦାସ, ପଦ୍ମନାଭ ମଲିକ, ନିରଞ୍ଜନ ମହାକୁଡ଼, ସୌମ୍ୟରଞ୍ଜନ ପଣ୍ଡା, ସନ୍ତୋଷ ଦାସ, ମୃତ୍ୟୁଞ୍ଜୟ ଗୋଚ୍ଛାୟତ ପ୍ରମୁଖ ଉଦ୍‌ଘାଟନୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ପ୍ରଥମ ଦିନରେ ହେଲାନି ଧାନ ସଂଗ୍ରହ

**ତିହିଡ଼ି, ୨୦।୧୨ (ଡି.ଏନ.ଏ.)**

ତିହିଡ଼ି ବ୍ଲକ ଭାଟପଡ଼ା ସେବା ସମବାୟ ସମିତିରେ ଶୁକ୍ରବାର ଧାନମଣ୍ଡି ଖୋଲିଛି। ସମବାୟ ସମ୍ପ୍ରସାରଣ ଅଧିକାରୀ ସଞ୍ଜୟ କୁମାର ଦାସ ଧାନମଣ୍ଡିକୁ ଉଦ୍‌ଘାଟନ କରିଥିଲେ। ସମିତି ସଭାପତି ବିଜୟ ମହାପାତ୍ର, ସମ୍ପାଦକ ଗୋପବନ୍ଧୁ ମହାଳିକ, ସହସମ୍ପାଦକ କୃପାସିନ୍ଧୁ ଦାସ, ସହକାରୀ କୃଷି ଅଧିକାରୀ ଅନ୍ତର୍ଯ୍ୟାମୀ ଧୀର, ଗ୍ରାମ୍ୟ କୃଷି କର୍ମଚାରୀ ସୁନାରାମ ସିଂ ପ୍ରମୁଖ ଉପସ୍ଥିତ ଥିଲେ। ଚାଷୀ ଗଣେଶ ପ୍ରସାଦ ନାୟକ, ଇନ୍ଦ୍ରମଣି ସାବତ, ଅଶୋକ ଜେନା, ଦେବକାନ୍ତ ନାୟକ, ନରେନ୍ଦ୍ର ବାରିକ ଏଥିରେ ଯୋଗ ଦେଇଥିଲେ। ବ୍ଲକରେ ଏହି ମଣ୍ଡି ପ୍ରଥମେ ଖୋଲିଥିବାବେଳେ ପ୍ରଥମ ଦିନ ଧାନ ସଂଗ୍ରହ ହୋଇପାରି ନାହିଁ। ଶନିବାରଠାରୁ ଚାଷୀମାନଙ୍କଠାରୁ ଧାନ ସଂଗ୍ରହ କରାଯିବ ବୋଲି ସମ୍ପାଦକ ସୂଚନା ଦେଇଛନ୍ତି।

## ଏଯାଏ ମିଳିଲାନି ବସ୍ତା

**ପଦ୍ମପୁର, ୨୦।୧୨(ଡି.ଏନ.ଏ.)**

ବାସୁଦେବପୁର ବ୍ଲକ ରାଜଘରପୋଖରୀଠାରେ ବାଲିମେଦ ସେବା ସମବାୟ ସମିତି ପକ୍ଷରୁ ମଣ୍ଡି ଖୋଲାଯାଇଛି। ବାଲିମେଦ ରାଜସ୍ୱ ନିରୀକ୍ଷକ ରବୀନ୍ଦ୍ର ପ୍ରଧାନ, ସରପଞ୍ଚ ପ୍ରଫୁଲ୍ଲ ପଳିତା, ସଭାପତି ଉତ୍ତମ ପାତ୍ର, ସମ୍ପାଦକ ଶ୍ରୀଧର ପ୍ରସାଦ ନାୟକ, ଧାନକ୍ରୟ କମିଟିର ଦିବେଶ୍ୱର ପଲାଇ, ବିଷ୍ଣୁମୋହନ ପଳିତା, ଭାସ୍କର ଭୋଇ, ହରେକୃଷ୍ଣ ପାଣିଗ୍ରାହୀ, ଖଗେଶ୍ୱର ଦଳାଇ ପ୍ରମୁଖ ମଣ୍ଡି ଉଦ୍‌ଘାଟନ କରିଥିଲେ। ଏହି ସମିତିରେ ଧାନ ବିକ୍ରି ପାଇଁ ୧୨୦୮ ଚାଷୀ ଅନ୍‌ଲାଇନ ପଞ୍ଜୀକୃତ ହୋଇଥିବାବେଳେ ପ୍ରଥମ ଦଫାରେ ୨୨୦ ଜଣଙ୍କୁ ଟୋକନ ପ୍ରଦାନ କରାଯାଇଛି। ବିଦେଇପୁର ସମିତିରେ ୮୨୨ ଚାଷୀ ପଞ୍ଜୀକରଣ କରିଥିବାବେଳେ ୧୦୮ ଜଣଙ୍କର ଟୋକନ ଆସିଥିବା ସୂଚନା ମିଳିଛି। ସମିତି ସଭାପତି ଆଦିତ୍ୟ ଗିରି, ସମ୍ପାଦକ ରତିକାନ୍ତ ରାଉତ, ରାଜସ୍ୱ ନିରୀକ୍ଷକ ତୁଷାର ରଞ୍ଜନ ପାତ୍ର, ବୋର୍ଡ ସଭ୍ୟ ନିରଞ୍ଜନ ଦାସ, ନିଶାକର ପାତ୍ର, ଶଶାଙ୍କ ସାମନ୍ତ, ଦୈତାରୀ ମଲିକ, ଗ୍ରାମ କୃଷି ସହାୟକ ପ୍ରଦୀପ ଦାସ ପ୍ରମୁଖ ଉପସ୍ଥିତ ରହି ମଣ୍ଡିର ଶୁଭାରମ୍ଭ କରିଥିଲେ। ଏହି ଦୁଇ ସମିତିର ଧାନକ୍ରୟ କରିବା ପାଇଁ ସିମ୍ବଲ ଫୁଡ୍ ପ୍ରାଇଭେଟ୍ ଲିମିଟେଡ୍ ଓ ଦୁର୍ଗା ରାଇସ୍ ମିଲ୍ ଅନୁବନ୍ଧିତ ହୋଇଥିଲାବେଳେ ଧାନ ଭର୍ତ୍ତି ପାଇଁ ଉଦ୍ଦିଷ୍ଟ ବସ୍ତା ପହଞ୍ଚିପାରି ନାହିଁ। ଏ ସମ୍ପର୍କରେ ସମିତିର ସମ୍ପାଦକ ଭଦ୍ରକ ଏଆର୍‌ସିଏସ୍‌ଙ୍କୁ ଅବଗତ କରାଇଛନ୍ତି।



ବାଲିମେଦ ସମବାୟ ସମିତିରେ ଧାନମଣ୍ଡିର ଶୁଭାରମ୍ଭ କରାଯାଉଛି।

## ସଂକ୍ଷେପରେ

### ସୋସିଆଲ ମିଡିଆରେ ବିବାଦୀୟ ମନ୍ତବ୍ୟ: ଶିକ୍ଷକଙ୍କ ନାମରେ ଏତଲା

**ଘସିପୁରା ୨୦।୧୨ (ଡି.ଏନ.ଏ.)**- କେନ୍ଦୁଝର ଜିଲା ଘସିପୁରା ବ୍ଲକ ଅଞ୍ଚଳର ଜଣେ ସୋସିଆଲ ମିଡିଆରେ ପାକିସ୍ତାନ ସମ୍ପର୍କରେ ମନ୍ତବ୍ୟ ଦେଇ ବିବାଦକୁ ଆସିଛନ୍ତି। ଭାରତରେ ନାଗରିକତା ଆଇନ ଲାଗୁ ସମ୍ପର୍କରେ ଏହି ଶିକ୍ଷକ ତାଙ୍କ ଫେସବୁକ ଆକାଉଣ୍ଟରେ 'ପାକିସ୍ତାନ ଜିନ୍ଦାବାଦ' ବୋଲି ଏକ କମେଣ୍ଟ ପୋଷ୍ଟ କରିଛନ୍ତି। ଏହା କ୍ରମେ ଭାଇରାଲ ହେବରୁ ଏ ନେଇ ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ଏହି ଘଟଣା ନେଇ ଘସିପୁରା ଆଦର୍ଶ ସେବା ସଂଘ ପକ୍ଷରୁ ଶୁକ୍ରବାର ସମ୍ପୃକ୍ତ ଶିକ୍ଷକଙ୍କ ବିରୋଧରେ ଘସିପୁରା ଥାନାରେ ଏତଲା ଦାୟର କରାଯାଇଛି। ଜଣେ ଶିକ୍ଷକ ହୋଇ ସେ କିଭଳି ଏପରି ପୋଷ୍ଟ କଲେ ସେ ନେଇ ସଂଘ ସଭାପତି ଯଜ୍ଞପ୍ରସାଦ ସାହୁ ପ୍ରଶ୍ନ କରିଛନ୍ତି। ଅନ୍ୟପକ୍ଷେ ସମ୍ପୃକ୍ତ ଶିକ୍ଷକ ତାଙ୍କ ଅଜାଣତରେ କେହି ଏଭଳି କାର୍ଯ୍ୟ କରିଥିବା କହିଛନ୍ତି। ତଦନ୍ତ ପରେ ସବୁକଥା ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।

### ବକେୟା ବେତନ ଲାଗି ପୁଣି ଦିଆଗଲା ଦାବିପତ୍ର

**କେନ୍ଦୁଝର, ୨୦।୧୨ (ସ୍ୱ.ପ୍ର.)**- ପାଚିକା ସହାୟିକାମାନଙ୍କ ବକେୟା ସାଙ୍ଗକୁ ବେତନ ଦେବାକୁ ପ୍ରତିଶ୍ରୁତି ଦିଆଯିବା ସତ୍ତ୍ୱେ ଅଦ୍ୟାବଧି କାହାକୁ ଏହା ମିଳି ନ ଥିବାରୁ ଓଡିଶା ମଧ୍ୟାହ୍ନ ଭୋଜନ ପାଚିକା ସହାୟିକା ସଂଘ ଅସନ୍ତୋଷ ବ୍ୟକ୍ତ କର ବୁଧବାର ପୁଣି ଦାବିପତ୍ର ପ୍ରଦାନ କରିଛି । ଏହି ପାଚିକା ସହାୟିକାଙ୍କୁ ୧୨ ମାସର ଦରମା ଏ ଯାଏ ମିଳି ନ ଥିବା ସଂଘର ପୂର୍ଣ୍ଣଚନ୍ଦ୍ର ରାଉତ କହିଛନ୍ତି । ଏଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ସଂଘ ପକ୍ଷରୁ ଜିଲାପାଳଙ୍କୁ ନିବେଦନ କରାଯାଇଛି।

### ଅଗ୍ନି ବିପନ୍ନଙ୍କୁ ସହାୟତା

**ଆନନ୍ଦପୁର,୨୦। ୧୨(ସ୍ୱ.ପ୍ର.)**- କେନ୍ଦୁଝର ଜିଲା ଘସିପୁରା ବ୍ଲକ ଶଅଳଦେଇ ପଞ୍ଚାୟତ ବେଲଦା ଗ୍ରାମରେ ଅଗ୍ନିକାଣ୍ଡ ଘଟି ଶଶିକାନ୍ତ ନାୟକଙ୍କ ଘର ପୋଡିଯାଇଛି। ଏହି ବିପନ୍ନ ପରିବାରକୁ ଶାଳଦେଇ ବିଜୁ ଯୁବ ବାହିନୀ ଗ୍ରୁପ ତରଫରୁ ବିଭିନ୍ନ ବସ୍ତ୍ର, ଖାଦ୍ୟ ଦ୍ରବ୍ୟ ସହିତ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ସଭାପତି ପ୍ରଶାନ୍ତ ନାୟକ, ସମ୍ପାଦକ ଅଜୟ ମିଶ୍ର, କୋଷାଧକ୍ଷ ପ୍ରକାଶ ସା, ସମିତିସଭ୍ୟ ସ୍ମିତିରଞ୍ଜନ ମିଶ୍ରଙ୍କ ସମେତ ବିଜୁ ଯୁବ ବାହିନୀ ସଦସ୍ୟମାନେ ଉପସ୍ଥିତ ଥିଲେ।

### ଦୁର୍ଘଟଣାଗ୍ରସ୍ତ ଭ୍ୟାନ୍‌ରୁ କୁକୁଡ଼ା ନେଇଗଲେ ଲୋକେ

**ପାଟଣା, ୨୦।୧୨(ସ୍ୱ.ପ୍ର.)**- କେନ୍ଦୁଝର ଜିଲା ପାଟଣା ବ୍ଲକ ଦେଇ ଯାଇଥିବା ୪୯ ନମ୍ବର ରାଜପଥର ରେଙ୍ଗାଲବେଡା ନିକଟରେ ରାସ୍ତା କଡରେ ଠିଆ ହୋଇଥିବା ବ୍ରଏଲର କୁକୁଡା ବୋଝେଇ ଏକ ପିକ୍‌ଅପ ଭ୍ୟାନକୁ ପଛପଟୁ ଏକ ଟ୍ରକ ଧକ୍କା ଦେବାରୁ ଭ୍ୟାନଟି ରାସ୍ତାକଡକୁ ଓଲଟି ପଡିଥିଲା। ଶୁକ୍ରବାର ସକାଳେ ଘନ କୁହୁଡି ହୋଇଥିବାରୁ ଏହି ଦୁର୍ଘଟଣା ଘଟିଥିବା କୁହାଯାଉଛି। କୁକୁଡା ବୋଝେଇ ଭ୍ୟାନ ପଲଟି ପଡିବା ପରେ କେତେକ ସ୍ଥାନୀୟ ଲୋକ ଆସି ସେଥିରୁ କୁକୁଡାଙ୍କୁ ନେଇ ଯାଇଥିଲେ। ଖବର ପାଇ ତୁରୁମୁଙ୍ଗା ଥାନା ପୋଲିସ ପହଞ୍ଚି ଗାଡିକୁ ଜବତ କରିଛି।

### ରାଜ୍ୟ ଛାତ୍ର ବିଜେଡି ସମ୍ପାଦକଙ୍କ ପରଲୋକ

**କେନ୍ଦୁଝର, ୨୦।୧୨(ଡି.ଏନ୍.ଏ.)**- ରାଜ୍ୟ ଛାତ୍ର ବିଜେଡିର ସମ୍ପାଦକ ତଥା ଧରଣୀଧର ସ୍ୱୟଂଶାସିତ ମହାବିଦ୍ୟାଳୟର ପୂର୍ବତନ ଛାତ୍ର ସଂସଦ ସଭାପତି ଦେବ ସାହୁଙ୍କର ଅକାଳ ବିୟୋଗ ଘଟିଛି। ମୃତ୍ୟୁଖବର ପାଇ ବହୁବିଶିଷ୍ଟ ବ୍ୟକ୍ତି ଆଟୋପରସ୍ଥିତ ତାଙ୍କ ବାସଭବନକୁ ଯାଇ ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । କିଛିଦିନ ଧରି ସେ କର୍କଟ ରୋଗରେ ପୀଡିତ ଥାଇ ଚିକିତ୍ସିତ ହେଉଥିଲେ। ସେ ପ୍ରଥମେ ଡି.ଡି. କଲେଜରେ ଉପସଭାପତି ନିର୍ବାଚିତ ହୋଇ ପରେ ସଭାପତି ହୋଇଥିଲେ ।
ଜିଲା ଛାତ୍ର ବିଜେଡିର ସଭାପତି ଥିବାବେଳେ ସଂଗଠନକୁ ଦୃଢ଼ କରି ପାରିଥିଲେ। ୨୦୧୭ରେ ସେ ରାଜ୍ୟ ଛାତ୍ର ବିଜେଡିର ସମ୍ପାଦକ ହୋଇଥିଲେ । ତାଙ୍କ ପରଲୋକ ଖବର ପାଇ ପୂର୍ବତନ ଏମ୍‌ପି ମାଧବ ସର୍ଦ୍ଦାର, ରାଜ୍ୟ ବିଜେଡି ସମ୍ପାଦକ ଆଶିଷ ଚକ୍ରବର୍ତ୍ତୀ, ଜିଲା ଯୁବ ବିଜେଡି ସଭାପତି ରାଜା ଚକ୍ର, ଜିଲା ଛାତ୍ର ବିଜେଡି ସଭାପତି ଆଶିଷ ଆଚାର୍ଯ୍ୟ, ପ୍ରାକ୍ତନ କେନ୍ଦୁଝରଗଡ ପୌରପାଳିକା ଅଧକ୍ଷା ମୀନା ମାଝି, କେନ୍ଦୁଝର ଯୁବ ପରିଷଦ ସଭାପତି ବରଦା ଦାସ, ପୂର୍ବତନ ନଗର ବିଜେଡି ସଭାପତି ରକ୍ଷାକର ସାହ ପ୍ରମୁଖ ଶେଷ ଦର୍ଶନ କରିଥିଲେ।







ଶୁକ୍ରବାର କେନ୍ଦୁଝର କାଳୀ ପଡ଼ିଆଠାରେ ଆୟୋଜିତ ଗୋନାସିକା ମହୋତ୍ସବ ଉଦ୍‌ଘାଟନ ଉତ୍ସବରେ ଉପସ୍ଥିତ ଅତିଥି(ବାମ) । ମହୋତ୍ସବ ଲାଗି ଚମ୍ପୁଆରୁ ବାହାରିଥିବା ମଶାଲ ଶୋଭାଯାତ୍ରା ।

# ଗୋନାସିକା କେନ୍ଦୁଝର ମହୋତ୍ସବ ଉଦ୍‌ଘାଟିତ

- ସାଂସ୍କୃତିକ ଶୋଭାଯାତ୍ରାରେ ଦୁଲୁକିଲା ରାସ୍ତାଘାଟ
- କାଳୀ ପଡିଆ ଏବେ କଳାକାର, ଶିଳ୍ପୀ ଓ ଉଦ୍ୟୋଗୀଙ୍କ ମିଳନକ୍ଷେତ୍ର
- ସେଲ୍‌ଫି ଉଠାଇବାକୁ ମଞ୍ଚ ଓ ମେଳାରେ ଜମିଲା ଭିଡ

**କେନ୍ଦୁଝର, ୨୦।୧୨ (ସ୍ୱ.ପ୍ର./ଡି.ଏନ.ଏ.)**
ଗୋନସିକା–କେନ୍ଦୁଝର ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା ଶୁକ୍ରବାର ସ୍ଥାନୀୟ କାଳୀ ପଡିଆଠାରେ ରଙ୍ଗାରଙ୍ଗ ପରିବେଶରେ ଉଦ୍‌ଘାଟିତ ହୋଇଯାଇଛି । ଖଣି ଓ ଇସ୍ପାତ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ପ୍ରେମାନନ୍ଦ ନାୟକ, ଏମପି ଚନ୍ଦ୍ରାଣୀ ମୁର୍ମୁ , ଆନନ୍ଦପୁର ବିଧାୟକ ଭାଗୀରଥି ସେଠୀ, ପାଟଣା ବିଧାୟକ ଜଗନ୍ନାଥ ନାଏକ, ଜିଲା ପରିଷଦ ଅଧକ୍ଷା କମଳିନୀ ପାତ୍ର, ଜିଲାପାଳ ଆଶିଷ ଥାକ୍‌ରେ ଅତିଥି ଭାବେ ଯୋଗ ଦେଇଥିଲେ। ପୂର୍ବତନ ମନ୍ତ୍ରୀ ତଥା ଘଷିପୁରା ବିଧାୟକ ବଦ୍ରୀନାରାୟଣ ପାତ୍ର ଏଥିରେ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ ।

ପ୍ରଥମେ ଗାନ୍ଧୀ ମୂର୍ତ୍ତିରେ ମାଲ୍ୟାର୍ପଣ କରି ଅତିଥିମାନେ ମଞ୍ଚକୁ ଯାଇଥିଲେ । ସେଠାରେ ମା' ତାରିଣୀ ଓ ଶ୍ରୀ ବଳଦେବଜୀଉଙ୍କ ଫଟୋରେ ପୁଷ୍ପପ୍ରଦାନ ସହ ଦୀପ ପ୍ରଜ୍ୱଳନ କରି ସଭାକାର୍ଯ୍ୟ ଆରମ୍ଭ କରିଥିଲେ । ଆବାହନୀ ସଙ୍ଗୀତ ଗାନ ପରେ ଅତିଥିମାନେ ଏଭଳି ମହୋତ୍ସବ ଓ ମେଳା ଆୟୋଜନ କଳାକାର, ଶିଳ୍ପୀ ତଥା ଉଦ୍ୟୋଗୀଙ୍କ ମିଳିନ କ୍ଷେତ୍ର ବୋଲି ବର୍ଣ୍ଣନା କରି କେନ୍ଦୁଝରର କଳା ସଂସ୍କୃତିକୁ ଏହା ଅଧିକ ସମୃଦ୍ଧ କରିବ ବୋଲି କହିଥିଲେ । ପରେ ଅତିଥିମାନେ ମେଳାରେ ପଡିଥିବା ବିଭିନ୍ନ ଷ୍ଟଲ ବୁଲି ଦେଖିଥିଲେ ।

ଜିଲା ସଂସ୍କୃତି ପରିଷଦ, କେନ୍ଦୁଝର ଓ ଓରମାସର ମିଳିତ ଆନୁକୂଲ୍ୟରେ ଆରମ୍ଭ ହୋଇଥିବା ଏହି ମେଳା ୨୬ ତାରିଖ ଯାଏ ଚାଲିବ । ଏଥିରେ ଜିଲା, ରାଜ୍ୟ ଓ ଦେଶର ବିଭିନ୍ନ ଅଞ୍ଚଳରୁ ଆସିଥିବା ହସ୍ତଶିଳ୍ପ ସାଙ୍ଗକୁ ବିଭିନ୍ନ କାରୁକାର୍ଯ୍ୟ ପ୍ରଦର୍ଶନ କରାଯାଉଛି। ପୁସ୍ତକ ମେଳା, ବାଲୁକା କଳା ପ୍ରଦର୍ଶନୀ, ଖାଦ୍ୟ ମେଳା ମହୋତ୍ସବରେ ଭିନ୍ନ ଆକର୍ଷଣ ଭରି ଦେଇଛି। ସମୁଦାୟ ଖୋଲିଛି ୨୦୦ ଷ୍ଟଲ । ସେହିପରି ପ୍ରତ୍ୟେକ ଦିନ ବିଭିନ୍ନ ପ୍ରକାରର ସାଂସ୍କୃତିକ କାର୍ଯ୍ୟକ୍ରମ ବ୍ୟବସ୍ଥା କରାଯାଇଛି । ଜିଲାର ବଛା ବଛା ସାଂସ୍କୃତିକ ଦଳ ଲୋକ ନୃତ୍ୟ ସମେତ କଣ୍ଢେଇ ନାଚ, ଛଉ ନାଚ ଆଦି ପ୍ରଦର୍ଶନ କରିବେ । ରାଜ୍ୟ ଓ ଦେଶର ବିଭିନ୍ନ ରାଜ୍ୟରୁ ଆସିଥିବା କଳାକାର ମଧ୍ୟ ଏଥିରେ ସାମିଲ ହୋଇଛନ୍ତି। ଏହି ଅବସରରେ ଆୟୋଜିତ ପୁସ୍ତକ ମେଳାକୁ ଜିଲାପାଳ ଉଦ୍‌ଘାଟନ କରିଥିଲେ ।

ଏଥିପୂର୍ବରୁ ପୁଣ୍ୟତୋୟା ବୈତରଣୀ ନଦୀର ଉତ୍ପତି ସ୍ଥଳ ଗୋନାସିକାର ଗୁପ୍ତଗଙ୍ଗାରୁ ଏକ ଜ୍ୟୋତି ବାହାରି ଶୁକ୍ରବାର ଅପରାହ୍ନରେ ସିଦ୍ଧମଠ ଦେଇ କେନ୍ଦୁଝରର ଆରାଧ୍ୟ ଶ୍ରୀ ଶ୍ରୀ ବଳଦେବଜୀଉ ମନ୍ଦିରରେ ପହଞ୍ଚିଥିଲା । ସେଠାରେ ପୂଜାର୍ଚ୍ଚନା ପରେ ଅପରାହ୍ନରେ ଗାନ୍ଧୀଛକଠାରୁ ସାଂସ୍କୃତିକ ଶୋଭାଯାତ୍ରା ବାହାରି କାଳୀପଡିଆରେ ପହଞ୍ଚିଥିଲା । ଏଥିରେ ଦୁଲିକି ଉଠିଥିଲା ରାସ୍ତା ଘାଟ। ଏହାକୁ ଦେଖିବା ପାଇଁ ବିଭିନ୍ନ ସ୍ଥାନରେ କଳା ଓ ସଂସ୍କୃତି ପ୍ରେମୀ ଦର୍ଶକଙ୍କ ଭିଡ ଜମିଥିଲା । ଗୋନାସିକା ମହୋତ୍ସବ ପାଇଁ ଆସିଥିବା ମଶାଲ ଜ୍ୟୋତି ସହିତ ମହୋତ୍ସବ ଷ୍ଟେଜ ନିକଟରେ ସେଲଫି ଉଠାଇବା ପାଇଁ ଲୋକଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଥିଲା। ତେବେ ମହୋତ୍ସବ ମଞ୍ଚରେ ମହାନ ବିପ୍ଳବୀ ଧରଣୀଧର ଭୂୟାଁଙ୍କର ଫଟୋ ନ ଥିବାରୁ ବିଧାୟକ ସେଠୀ ଉଦ୍‌ବେଗ ପ୍ରକାଶ କରିଥିଲେ।

## ଚମ୍ପୁଆରୁ ଆସିଲା ମଶାଲ ଶୋଭାଯାତ୍ରା

**ଚମ୍ପୁଆ,୨୦।୧୨(ଡି.ଏନ.ଏ.)**
ସଂସ୍କୃତି ସମ୍ପନ୍ନ କେନ୍ଦୁଝର ଜିଲାରେ ଗୋନାସିକା ମହୋତ୍ସବ–୨୦୧୯ ଉପଲକ୍ଷେ ଶୁକ୍ରବାର ଆୟୋଜିତ ହୋଇଥିଲା ମଶାଲ ଶୋଭାଯାତ୍ରା । ଚମ୍ପୁଆ ଉପଜିଲାପାଳ ପ୍ରତାପ ପ୍ରୀତିମୟ ଏହାକୁ ଉଦ୍‌ଘାଟନ କରିଥିଲେ। ଜିଲା ପ୍ରଶାସନ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉପଖଣ୍ଡ ସୂଚନା ଲୋକସମ୍ପର୍କ ଅଧିକାରୀ ଜୟନ୍ତ କୁମାର ନାଏକଙ୍କ ସମେତ ଚନ୍ଦ୍ରଶେଖର ମହାବିଦ୍ୟାଳୟର ଛାତ୍ରୀଛାତ୍ର ଯୋଗ ଦେଇଥିଲେ । ଚମ୍ପୁଆର ଆରାଧ୍ୟ ଦେବତା ପ୍ରଭୁ ଚନ୍ଦ୍ରଶେଖରଙ୍କ ମନ୍ଦିରରେ ଉପଜିଲାପାଳ ପୂଜାର୍ଚ୍ଚନା କରି ମଶାଲରେ ଅଗ୍ନି ସଂଯୋଗ କରିଥିଲେ। ଛାତ୍ରୀଛାତ୍ରମାନେ ସହର ପରିକ୍ରମା କରିବା ପରେ ଲୋକସମ୍ପର୍କ ଅଧିକାରୀ ଏହି ମଶାଲକୁ କେନ୍ଦୁଝର ନେଇଥିଲେ।

## ରେଡକ୍ରସ କ୍ୟାମ୍ପ: ୫୦୦ ଛାତ୍ରୀଛାତ୍ର ସାମିଲ

**ଢେଙ୍କିକୋଟ, ୨୦।୧୨(ଡି.ଏନ୍.ଏ.)**
କେନ୍ଦୁଝର ଜିଲା ୩୧ତମ ଜୁନିୟର ରେଡ଼କ୍ରସ କ୍ୟାମ୍ପ ଢେଙ୍କିକୋଟ ସତ୍ୟନାରାୟଣ ବିଦ୍ୟାପୀଠ ପରିସର ମଧ୍ୟରେ ଆୟୋଜିତ ହୋଇଛି। ଏହି ୩ ଦିନିଆ କ୍ୟାମ୍ପ ଶନିବାର ଉଦ୍‌ଯାପିତ ହେବ । ଏଥିରେ ବିଭିନ୍ନ ଶିକ୍ଷାନୁଷ୍ଠାନ ୫୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଯୋଗ ଦେଇଛନ୍ତି।



ଜୁନିୟର ରେଡ଼କ୍ରସ କ୍ୟାମ୍ପ ଉଦ୍‌ଘାଟନ ଉତ୍ସବରେ ଉପସ୍ଥିତ ଅତିଥି।

ଗୁରୁବାର ଅନୁଷ୍ଠିତ ଉଦ୍‌ଘାଟନ ଉତ୍ସବରେ ଘଟଗାଁ ଜିଲା ଶିକ୍ଷାଧିକାରୀ କ୍ଷେତ୍ରମୋହନ ହାଁସଦା ସଭାପତିତ୍ୱ କରିଥିଲେ । ଢେଙ୍କିକୋଟ ବିକାଶ ମଞ୍ଚର ସଭାପତି ପ୍ରଫେସର ଯୁଗଳ କିଶୋର ଦାଶ ମୁଖ୍ୟଅତିଥି ଏବଂ ରାଜ୍ୟ ଓଷ୍ଟା କାର୍ଯ୍ୟକାରିଣୀ ସମ୍ପାଦକ କ୍ଷୀରୋଦ କୁମାର ରାଉତ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ସମ୍ମାନନୀୟ ଅତିଥି ଭାବେ ରାଜ୍ୟ ଓଷ୍ଟା କାର୍ଯ୍ୟକାରିଣୀ ସଦସ୍ୟ କାହ୍ନୁଚରଣ ସାମଲ, କେନ୍ଦୁଝର ଜିଲା ୮ ନମ୍ବର ଜୋନ ଜିଲା ପରିଷଦ ସଦସ୍ୟା ସୁମିତ୍ରା ମହାନ୍ତ, ସ୍ଥାନୀୟ ସରପଞ୍ଚ ଗୌରୀ ବାରିକ, ବିଦ୍ୟାପୀଠର ପ୍ରଧାନଶିକ୍ଷୟିତ୍ରୀ ରୀନାରାଣୀ ସ୍ୱାଇଁ ଉପସ୍ଥିତ ଥିଲେ। ଜୁନିୟର ରେଡକ୍ରସ ରିସୋର୍ସ ପରସନ କାର୍ତ୍ତିକ ପ୍ରସାଦ ଶତପଥୀ ସ୍ୱାଗତ ଭାଷଣ ଏବଂ ଜିଲା ଜୁନିୟର ରେଡକ୍ରସ ଯୁଗ୍ମ ସଂଯୋଜକ ପ୍ରଫୁଲ୍ଲ ଚନ୍ଦ୍ର ଘୋଷ ଅତିଥି ପରିଚୟ ପ୍ରଦାନ କରିଥିଲେ। ରେଡ଼କ୍ରସ କ୍ୟାମ୍ପ ପତାକା ଉତ୍ତୋଳନ ପରେ ଅତିଥିମାନେ କେନ୍ଦୁଝର ଜିଲାର ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେଇ ବିଭିନ୍ନ ପ୍ରକାର ସେବା ଓ ଜନହିତକର କାର୍ଯ୍ୟ କରିବା ସାଙ୍ଗକୁ ପରିବେଶକୁ ସୁସ୍ଥ ରଖିବା ପାଇଁ ପ୍ରତ୍ୟେକ ଗୋଟିଏ ଲେଖାଏଁ ଗଛ ଲଗାଇ ତାହାର ଯତ୍ନ ନେବାକୁ ପରାମର୍ଶ ଦେଇଥିଲେ । ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ସଙ୍ଗୀତ, ନୃତ୍ୟ, ଏକାଙ୍କିକା,କୁଇଜ୍, ଓ ସାଧାରଣଜ୍ଞାନ ପ୍ରତିଯୋଗିତା କରା ଯାଉଥିବା କ୍ୟାମ୍ପ ତରଫରୁ କୁହାଯାଇଛି।

## କ୍ଷତିପୂରଣ ଅର୍ଥ ହେରଫେର ଅଭିଯୋଗ

**କେନ୍ଦୁଝର, ୨୦।୧୨ (ସ୍ୱ.ପ୍ର.)**
ବୃହତ୍ କାନପୁର ଜଳସେଚନ ପ୍ରକଳ୍ପର କେନାଲ ନିର୍ମାଣ ପାଇଁ ଜମି ହରାଇଥିବା ସଦର ବ୍ଲକ ଅଧୀନ ଚଉଠିଆ ଗ୍ରାମର ଏକ ପରିବାରକୁ କ୍ଷତିପୂରଣ ଅର୍ଥ ଆବଣ୍ଟନ ନେଇ ବିବାଦ ଦେଖାଦେଇଛି । ପରିବାରର ଅନେକ ସଦସ୍ୟାସଦସ୍ୟଙ୍କ ଅଗୋଚରରେ କ୍ଷତିପୂରଣ ବାବଦ ଅର୍ଥ ବ୍ୟାଙ୍କରେ ଜମା ହେବାପରେ ଟଙ୍କା ଉଠାଣ ହୋଇଥିବା ଅଭିଯୋଗ ହୋଇଛି। ଏ ନେଇ ପରିବାର ଲୋକେ ପ୍ରକଳ୍ପ ମୁଖ୍ୟ ତଥା ଜିଲା ପ୍ରଶାସନ ସମେତ ଜଳସମ୍ପଦ ବିଭାଗ କର୍ତ୍ତୃପକ୍ଷ ଏବଂ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠର ଦ୍ୱାରସ୍ଥ ହୋଇଥିଲେ ବି ନ୍ୟାୟ ପାଇ ନ ଥିବା ଅଭିଯୋଗ କରିଛନ୍ତି। କ୍ଷତିପୂରଣ ବାବଦକୁ ମିଳିଥିବା ପାଖାପାଖି ୧ କୋଟି ଟଙ୍କା ତରବରିଆ ଭାବେ ପ୍ରଦାନ ନ କରିବାକୁ ଜମି ହରାଇଥିବା ପରିବାରର ୩ ଜଣ ମହିଳା ପ୍ରକଳ୍ପ ପ୍ରଶାସନକୁ ଜଣାଇଥିଲେ । ଏହାସତ୍ତ୍ୱେ କାର୍ଯ୍ୟାନୁଷ୍ଠାନରେ ବିଳମ୍ବ କରାଯାଇ ପରେ ବ୍ୟାଙ୍କରେ ଟଙ୍କା ଜମା କରା ଯାଇଥିବା ଜାଣି ସେମାନେ ଏ ନେଇ ଅଭିଯୋଗ କରିଥିଲେ । ବ୍ୟାଙ୍କ ଖାତାରେ କ୍ଷତିପୂରଣ ବାବଦ ଟଙ୍କା ହସ୍ତାନ୍ତର ପତ୍ରରେ ସମସ୍ତ ଦାବିଦାର ଦସ୍ତଖତ ଦେବାର ବ୍ୟବସ୍ଥା ଥିଲେ ମଧ୍ୟ ଏଥିରେ ଜାଲ ଦସ୍ତଖତ କରାଯାଇଥିବା କ୍ଷତିଗ୍ରସ୍ତ ସଦସ୍ୟା ବାସନ୍ତୀ ମହାନ୍ତ, ସାରଥି ମହାନ୍ତ, ସୁଭଦ୍ରା ମହାନ୍ତ, ରୁକ୍ମିଣୀ ମହାନ୍ତ ପ୍ରମୁଖ ଅଭିଯୋଗ କରି ପ୍ରକଳ୍ପ ପ୍ରଶାସନ ସମେତ ଜଳସମ୍ପଦ ବିଭାଗକୁ ଜଣାଇଥିଲେ । ଏହା ସତ୍ତ୍ୱେ ତଦନ୍ତରେ ବିଳମ୍ବ ହେଉଥିବାରୁ ସେମାନେ କ୍ରାଇମବ୍ରାଞ୍ଚ ଦ୍ୱାରା ଏହାର ତଦନ୍ତ କରାଇବାକୁ ଦାବି କରିଛନ୍ତି । କାନପୁର ଜଳସେଚନ ପ୍ରକଳ୍ପ ପ୍ରଶାସକ ତଥା ସ୍ୱତନ୍ତ୍ର ଭୂଅର୍ଜନ ଅଧିକାରୀ କୁଶଳ ନାୟକଙ୍କୁ ପଚାରିବାରୁ କହିଛନ୍ତି, ଏ ନେଇ ମିଳିଥିବା ଅଭିଯୋଗର ତଦନ୍ତ କରାଯାଉଛି। ସମସ୍ତ ହିତାଧିକାରୀଙ୍କୁ ନିଶ୍ଚିତ ନ୍ୟାୟ ପ୍ରଦାନ କରାଯିବ ।

## ଅଂଶୁମାନ କେନ୍ଦୁଝର ଜିଲା ଭାଜପା ସଭାପତି

**କେନ୍ଦୁଝର/ପାଟଣା, ୨୦।୧୨ (ସ୍ୱ.ପ୍ର.)**
କେନ୍ଦୁଝର ଜିଲାର ଭାଜପା ସଭାପତି ପଦ ପାଇଁ ଅଂଶୁମାନ ମହାନ୍ତ ସବୁଜ ବର୍ମାଙ୍କ ନାମ ଶୁକ୍ରବାର ସନ୍ଧ୍ୟାରେ ରାଜ୍ୟ ସଂଗଠନ ପକ୍ଷରୁ ପକ୍ଷରୁ ଘୋଷଣା କରାଯାଇଛି।



ପୂର୍ବରୁ ରାଧାକାନ୍ତ ମହାନ୍ତ କେନ୍ଦୁଝର ଜିଲା ଦାୟିତ୍ୱରେ ଥିଲେ। ସବୁଜ ବର୍ମାଙ୍କୁ ଏହି ନୂତନ ଦାୟିତ୍ୱ ଦିଆଯିବା ନେଇ ଘୋଷଣା ହେବା ପରେ ତାଙ୍କ ସମର୍ଥକଙ୍କ ସମେତ ବିଭିନ୍ନ ମହଲ ତାଙ୍କୁ ସ୍ୱାଗତ ଜଣାଇଛନ୍ତି । ସେ ବର୍ତ୍ତମାନ ସାହାରପଡା ବ୍ଲକର ଜିଲାପରିଷଦ ସଭ୍ୟ ରହିଛନ୍ତି । ତାଙ୍କ ଉଦ୍ୟମରେ ଗତ ଜିଲା ପରିଷଦ ନିର୍ବାଚନରେ ଭାଜପା ଭଲ ପ୍ରଦର୍ଶନ କରିଥିବାରୁ ସେ ଚର୍ଚ୍ଚାକୁ ଆସିଥିଲେ । କର୍ମୀମାନଙ୍କୁ ଏକଜୁଟ କରି ସଂଗଠନକୁ ସୁଦୃଢ କରିବା ତାଙ୍କର ଲକ୍ଷ୍ୟ ହେବ ବୋଲି ନବନିର୍ବାଚିତ ସଭାପତି ସବୁଜ ବର୍ମା ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି । ଉଲ୍ଲେଖନୀୟ ଯେ, ଏହି ଜିଲାର ଭାଜନା ସଭାପତି ପଦ ଦୌଡରେ ୮ ଜଣ ଆଶାୟୀ ସାମିଲ ଥିଲେ । ତେବେ ଦଳର ରାଜ୍ୟ ନେତୃତ୍ୱ ସବୁଜ ବର୍ମାଙ୍କ ଭଳି ଜଣେ ଯୁବ ନେତୃତ୍ୱ ଉପରେ ଆସ୍ଥା ରଖିଥିବାରୁ ତାଙ୍କ ସମର୍ଥକମାନେ ଖୁସି ବ୍ୟକ୍ତ କରିଛନ୍ତି ।

## ହାତୀ ଭାଙ୍ଗିଲେ ଘର, ଖଳାରୁ ଖାଇଲେ ଧାନ



ହାତୀ ଘର ଭାଙ୍ଗୀଦେବାରୁ ଅସହାୟ ପରିବାର ।

**ଆନନ୍ଦପୁର, ୨୦।୧୨(ସ୍ୱ.ପ୍ର.)**
କେନ୍ଦୁଝର ଜିଲା ଆନନ୍ଦପୁର ବ୍ଲକ କାଠକଟା ପଞ୍ଚାୟତ କୁଶବଣିଆ ଗ୍ରାମରେ ଗୁରୁବାର ବିଳମ୍ବିତ ରାତିର ଏକ ହାତୀପଲ ପଶି ଫସଲ ନଷ୍ଟ କରିବା ସହ ଜଣଙ୍କ ଘର ସମ୍ପୂର୍ଣ୍ଣ ଭାଙ୍ଗିଛନ୍ତି। ସେମାନେ ଖଳାରେ ଥିବା ଧାନ ଖାଇ ଯାଇଛନ୍ତି। ହାତୀ ଉପଦ୍ରବରେ ଗ୍ରାମର ମାଳତୀ ମହାକୁଡଙ୍କ ଘର ଭାଙ୍ଗି ଥିବାରୁ ଏହି ପରିବାର ବେସାହାରା ହୋଇପଡିଛନ୍ତି। ହାତୀ ଆକ୍ରମଣ ସମୟରେ ମାଳତୀ ଓ ତାଙ୍କ ପରିବାର ଲୋକେ ଭୟରେ ପଳାଇ ଯାଇ ପଡୋଶୀଙ୍କ ଘରେ ଆଶ୍ରୟ ନେଇଥିଲେ। ଭୟଭୀତ ହୋଇ ଦୌଡି ପଳାଇବା ସମୟରେ ପ୍ରଫୁଲ୍ଲ ମହାକୁଡ ପଡିଯିବାରୁ ତାଙ୍କ ମୁଣ୍ଡ ଫାଟିଯାଇଛି। ତାଙ୍କୁ ଚିକିତ୍ସା ପାଇଁ ଆନନ୍ଦପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଆନନ୍ଦପୁର ବନ ବିଭାଗ କର୍ମଚାରୀ ଘଟଣା ସ୍ଥଳକୁ ଯାଇ କ୍ଷୟକ୍ଷତି ଅନୁଧ୍ୟାନ କରି ଫେରିଛନ୍ତି।

## ବିପଦସଙ୍କୁଳ ସ୍ଥିତିରେ ବେଲବାହାଳି କୁଶେଇ ସେତୁ

**ଘସିପୁରା, ୨୦।୧୨ (ଡି.ଏନ.ଏ.)**
କେନ୍ଦୁଝର ଜିଲା ଦେଇ ଯାଇଥିବା ୨୦ ନମ୍ବର ଜାତୀୟ ରାଜପଥ ସମ୍ପ୍ରସାରଣ ବେଳେ ବେଲବାହାଳି କୁଶେଇ ସେତୁ ନିର୍ମାଣକୁ ନେଇ ଆନ୍ଦୋଳନ ମୁଣ୍ଡ ଟେକିଥିଲା। ପୁରୁଣା ସେତୁର ମରାମତି ଓ ନୂଆ ସେତୁ ନିର୍ମାଣ କାର୍ଯ୍ୟ ଶୀଘ୍ର ଶେଷ କରିବା ପାଇଁ ଅଞ୍ଚଳବାସୀ ଦାବି କରିଥିଲେ। ସେତେବେଳେ ଏନଏଚଆଇଠାରୁ ଆରମ୍ଭ କରି ରାଜ୍ୟ ଓ ଜିଲା ପ୍ରଶାସନ ପ୍ରତିଶ୍ରୁତି ଦେବାରୁ ଲୋକେ ଆନ୍ଦୋଳନ ପ୍ରତ୍ୟାହର କରିଥିଲେ। ଏହା ମଧ୍ୟରେ ପ୍ରାୟ ୨ବର୍ଷରୁ ଅଧିକ ସମୟ ବିତିଲାଣି। ଜିଲାର ପ୍ରବେଶ ପଥରେ ଥିବା ସର୍ବପୁରାତନ କୁଶେଇ ନଦୀ ସେତୁ ଏବେ ମଧ୍ୟ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ନୂଆ ସେତୁର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ନାହିଁ କିମ୍ବା ପୁରୁଣାକୁ ମରାମତି କରାଯାଇ ନାହିଁ। ଫଳରେ ପୁରୁଣା କୁଶେଇ ସେତୁ ଅତ୍ୟନ୍ତ ବିପଦସଙ୍କୁଳ ଅବସ୍ଥାରେ ରହିଛି। ଏହା ଯେ କୌଣସି ସମୟରେ ଭୁଶୁଡ଼ି ପଡ଼ିପାରେ ବୋଲି ଆଶଙ୍କା କରାଯାଉଛି। ଉକ୍ତ ସେତୁର ଉଭୟ ପାର୍ଶ୍ୱରେ ଥିବା ସୁରକ୍ଷା ବାଡ଼ା ଅଧାରୁ ଅଧିକ ଭାଙ୍ଗି ଖସି ପଡ଼ିଥିବାରୁ ଯାନବାହନ ଚଳାଚଳ ଅସୁରକ୍ଷିତ ହୋଇ ପଡ଼ିଛି। ସେତୁର ଅବସ୍ଥା ଭଲ ନ ଥିଲେ ମଧ୍ୟ ଏବେ ଦୈନନ୍ଦିନ ଯାତ୍ରୀବାହୀ ବସ ଠାରୁ ଆରମ୍ଭ କରି ଶତାଧିକ ଲୁହାପଥର ବୋଝେଇ ଭାରିଯାନ ଏହି ରାସ୍ତାରେ ଚଳାଚଳ କରୁଛି। ପ୍ରସ୍ତାବିତ ନୂତନ କୁଶେଇ ସେତୁ ନିର୍ମାଣ କାର୍ଯ୍ୟରେ ଦୀର୍ଘ ବର୍ଷ ହେବ ଆରମ୍ଭ ହୋଇଥିଲେ ମଧ ସମ୍ପୂର୍ଣ୍ଣ ହେବାର ନାଁ ଧରୁନି। ଫଳରେ ଏହି ରାସ୍ତାରେ ଯାତାୟାତ ସମୟରେ ଲୋକେ ନାହି ନ ଥିବା ଅସୁବିଧା ର ସମ୍ମୁଖୀନ ହେଉଛନ୍ତି।



କୁଶେଇ ସେତୁ ସୁରକ୍ଷା ବାଡ଼ା ଭାଙ୍ଗିପଡିଛି।

## ଅଟଳ ଟିଙ୍କରିଙ୍ଗ୍ ଲ୍ୟାବ ଉଦ୍‌ଘାଟିତ

**ହାଟଡିହୀ,୨୦।୧୨(ଡି.ଏନ.ଏ.)**
କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ଅନ୍ତର୍ଗତ ସାସଙ୍ଗ ପଞ୍ଚାୟତ ଉଚ୍ଚବିଦ୍ୟାଳୟଠାରେ ଅଟଳ ଟିଙ୍କରିଙ୍ଗ୍ ଲ୍ୟାବ ଉଦ୍‌ଘାଟିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ପାତ୍ର ଏଥିରେ ଅଧକ୍ଷତା କରିଥିଲେ । ମୁଖ୍ୟଅତିଥି ଭାବେ ଆନନ୍ଦପୁର ବିଧାୟକ ଭାଗୀରଥି ସେଠୀ,ସମ୍ମାନନୀୟ ଅତିଥି ଭାବେ କେନ୍ଦୁଝର ଜିଲା ଶିକ୍ଷାଧିକାରୀ କପିଳେନ୍ଦ୍ର ମିଶ୍ର, ଶିକ୍ଷାବିତ ତପୋଧନ ସ୍ୱାଇଁ, ଓଷ୍ଟା ଜିଲା ସଭାପତି ଶାନ୍ତନୁ କୁମାର ମିଶ୍ର, ଜିଲା ବିଜେଡି ସଭାପତି ବିମ୍ବାଧର ବିଶ୍ୱାଳ ପ୍ରମୁଖ ମଞ୍ଚାସୀନ ଥିଲେ ।

କେନ୍ଦ୍ର ସରକାରଙ୍କ ଅଟଳ ଇନୋଭେସନ ମିଶନ ତରଫରୁ ଏହି ଲ୍ୟାବ ବ୍ୟବସ୍ଥା କରାଯାଇଛି । ଏହା ଦ୍ୱାରା ଗ୍ରାମାଞ୍ଚଳରେ ଥିବା ମେଧାବୀ ଛାତ୍ରୀଛାତ୍ର ବିଜ୍ଞାନ ଓ କାରିଗରୀ କୌଶଳ କ୍ଷେତ୍ରରେ ଦକ୍ଷତା ହାସଲ କରି ପାରଦର୍ଶିତା ପ୍ରଦର୍ଶନ କରିପାରିବେ । ଏହି ଲ୍ୟାବ ଦ୍ୱାରା ବିଜ୍ଞାନ ଭିତ୍ତିକ ପରୀକ୍ଷା ନିରୀକ୍ଷା ପାଇଁ ଛାତ୍ରୀଛାତ୍ରମାନେ ସୁବିଧା ସୁଯୋଗ ପାଇପାରିବେ ବୋଲି ବୋଲି ଅତିଥିମାନେ କହିଥିଲେ। ଶିକ୍ଷକ ଶିଶିର କୁମାର ବଶ୍ୱାଳ, ମାଧବାନନ୍ଦ ଜେନା, ରାଧକ୍ରିଷ୍ଣ ପତି, ନବକିଶୋର ବିଶ୍ୱାଳ,ଶାନ୍ତନୁ କୁମାର ରାଉତ, ପ୍ରଦୀପ କୁମାର ସ୍ୱାଇଁ, ପଦ୍ମନାଭ ପଣ୍ଡା,ଲକ୍ଷ୍ମୀକାନ୍ତ ମିଶ୍ର, ସତ୍ୟବ୍ରତ ବିଶ୍ୱାଳ, ପର୍ଶୁରାମ ନାୟକ, ରମେଶ ଚନ୍ଦ୍ର ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।



ସଭାରେ ଉପସ୍ଥିତ ଅତିଥିବୃନ୍ଦ।

## ଜୁଆଙ୍ଗ ଜନଜାତିଙ୍କୁ ଅବହେଳା ଅଭିଯୋଗ

# ପ୍ରତିବାଦରେ ବ୍ଲକ ଅଫିସ ଘେରାଉ

**ତେଲକୋଇ,୨୦।୧୨(ଡି.ଏନ.ଏ.)**
କେନ୍ଦୁଝର ଜିଲା ତେଲକୋଇ ବ୍ଲକ ଅଧୀନ ଖୁଣ୍ଟାପଡା ପଞ୍ଚାୟତ ମଧୁସୂଦନପୁର ଅଞ୍ଚଳର ଜୁଆଙ୍ଗ ଜନଜାତିର ଶତାଧିକ ମହିଳା ପୁରୁଷ ଶୁକ୍ରବାର ବ୍ଲକ ଅଫିସ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହି ଜନଜାତିର ଲୋକଙ୍କୁ ମୌଳିକ ସୁବିଧା ମିଳୁ ନ ଥିବା ଏବଂ ଉନ୍ନୟନ କାର୍ଯ୍ୟରେ ଅବହେଳା କରାଯାଉଥିବା ଅଭିଯୋଗ କରି ସେମାନେ ପଞ୍ଚାୟତ ସମିତି ଅଧକ୍ଷା ମମତା ଦେହୁରୀଙ୍କୁ ଘେରି ଦାବି ଉପସ୍ଥାପନ କରିଥିଲେ । ପ୍ରାୟ ୩ ଘଣ୍ଟା ଧରି ଘେରାଉ ଆନ୍ଦୋଳନ କରାଯାଇଥିଲା। ସ୍ଥାନୀୟ ବିଡିଓ ଉପସ୍ଥିତ ନ ଥିବାରୁ ସେମାନେ ଅନ୍ୟ ଅଧିକାରୀଙ୍କୁ ଅଭିଯୋଗ କରିବା ସହିତ ଶୀଘ୍ର ଉଚିତ ନ୍ୟାୟ ନ ମିଳିଲେ ଆଗାମୀ ଦିନରେ ବ୍ଲକ କାର୍ଯ୍ୟାଳୟକୁ ଅଚଳ କରି ଦିଆଯିବ ବୋଲି ବିକ୍ଷୋଭକାରୀ ଚେତାବନୀ ଦେଇଥିଲେ ।



ବ୍ଲକ ସମ୍ମୁଖରେ ଜୁଆଙ୍ଗ ଜନଜାତି ଲୋକଙ୍କ ବିକ୍ଷୋଭ ପ୍ରଦର୍ଶନ ।

ସେମାନେ କରିଥିବା ଅଭିଯୋଗରେ ଦର୍ଶାଇଛନ୍ତି ଯେ, ମଧୁସୂଦନପୁର ଜୁଆଙ୍ଗ ବସ୍ତିରେ ୭୦ରୁ ଉର୍ଦ୍ଧ୍ୱ ପରିବାର ରହି ଆସୁଛନ୍ତି । ଏଠାରେ ଶୌଚାଳୟ ନିର୍ମାଣ ଲାଗି ଯୋଜନା କରାଯାଇ ବାଲିଇଟା ପକାଯାଇଥିଲା । ଏହାକୁ ଗୁରୁବାର ଉଠାଇ ନିଆଯିବାରୁ ବସ୍ତି ବାସିନ୍ଦାଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଥିଲା । ସେହିପରି ଚଳିତ ସପ୍ତାହରେ ଏକ ସରକାରୀ ଟିମ୍ ଏଠାକୁ ଆସି ଆବାସ ଯୋଜନାର ତଦନ୍ତ କଲା ବେଳେ ଏହି ଯୋଜନାରେ ଚଞ୍ଚକତା କରାଯାଇଥିବା ଅଭିଯୋଗ ହୋଇଥିଲା। ଏହାର ପ୍ରତିକାର ନ ହେଲେ ବ୍ଲକ ଘେରାଉ କରାଯିବ ବୋଲି ମଧ୍ୟ କୁହାଯାଇଥିଲା। ସରକାର ଜୁଆଙ୍ଗ ଜନଜାତିର ବିକାଶ ଲାଗି ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଥିବା ବେଳେ ଏଠି ୭୦ ପରିବାର ମଧ୍ୟରୁ ଅନେକ କୁଡିଆ ଘରେ ଦୟନୀୟ ଅବସ୍ଥାରେ ବସବାସ କରୁଛନ୍ତି। ସେମାନଙ୍କୁ ସେଭଳି ସରକାରୀ ସହାୟତା ମିଳିନାହିଁ । ଏପରି କି ବର୍ଷା ଦିନରେ ପଲିଥିନ ଯୋଗାଇ ଦିଆଯାଉ ନାହିଁ। ଏହି ବିକ୍ଷୋଭ ପ୍ରଦର୍ଶନ ବେଳେ ମହିଳାମାନେ ଜୋରଦାର ଦାବି ଉପସ୍ଥାପନ କରିଥିଲେ। ଏ ସମ୍ପର୍କରେ ବ୍ଲକ ଅଧକ୍ଷା ଦେହୁରୀଙ୍କୁ ପଚାରିବାରୁ ସେ କହିଲେ, ସ୍ୱତନ୍ତ୍ର ଭାବେ ଉକ୍ତ ବସ୍ତି ପାଇଁ ଆବାସ ଯୋଜନାରେ ୨୫ଘର ବ୍ୟବସ୍ଥା କରାଯାଇଛି। ସୋମବାର ଲୋକଙ୍କ ଅଭିଯୋଗର ତଦନ୍ତ କରି ଏ ଦିଗରେ ଆବଶ୍ୟକ ପଦକ୍ଷେପ ନିଆଯିବ।